ଧରିତ୍ରୀ
DHARITRI

January 13-19, 2019 ₹ 2/-

# ଛୁଟିଦିନ

# ସଂକ୍ରାନ୍ତି



୪ ପ୍ରଚ୍ଛଦ ପ୍ରସଙ୍ଗ

ସାରା ଓଡ଼ିଶାରେ ସଂକ୍ରାନ୍ତିର ରହିଛି ବିଶେଷ ମହତ୍ତ୍ୱ। ତେବେ ବିଭିନ୍ନ ଅଞ୍ଚଳରେ ଏହାର ପାଳନର ବିଧି କିନ୍ତୁ ଭିନ୍ନଭିନ୍ନ। ସଂକ୍ରାନ୍ତି ଓ ତାହାର ମାହାତ୍ମ୍ୟକୁ ନେଇ ଏହି ଉପସ୍ଥାପନା...

୧୩ ସହରଠୁ ଦୂର



୮/୯ ସିନେମା



# ଅଜବ ବୁକ୍ ଷ୍ଟୋର



ବୁକ୍ ଷ୍ଟୋର ବା ବହି ଦୋକାନ ଏଭଳି ଏକ ସ୍ଥାନ, ଯେଉଁଠାରେ ବହିଗୁଡ଼ିକୁ ସେଲ୍ଫ ବା ର୍ୟାକ୍‌ରେ ସୁନ୍ଦର ଭାବେ ଧାଡ଼ିକି ଧାଡ଼ି ସଜାଇ ରଖାଯାଇଥାଏ। ତେବେ ଇଟାଲୀର ଭେନିସ୍‌ଠାରେ ରହିଛି 'ଲାଇବ୍ରେରିଆ ଆକ୍ୱା ଆଲ୍‌ଟା' ନାମକ ଏକ ବୁକ୍ ଷ୍ଟୋର, ଯାହା ଅବସ୍ଥିତ ଏକ ହ୍ରଦ କୂଳରେ। ଏହି ବୁକ୍ ଷ୍ଟୋରର ଏକ ବିଶେଷତ୍ୱ ହେଉଛି ଏଠାରେ ବହିଗୁଡ଼ିକୁ ରଖିବା ପାଇଁ ୱାଟର ପ୍ରୁଫ୍ ଡଙ୍ଗା, ବାଥଟବ୍ ଆଦିର ବ୍ୟବହାର କରାଯାଏ। ଏହାର ଏକ ବିଶେଷ କାରଣ ମଧ୍ୟ ରହିଛି। ଇଟାଲୀର ଏହି ହ୍ରଦରେ ବର୍ଷର ବିଭିନ୍ନ ସମୟରେ ବନ୍ୟା ଆସିଥାଏ। ଯାହାଫଳରେ ବନ୍ୟାଜଳ ଏହି ବହି ଦୋକାନ ଭିତରେ ପଶିଯାଏ। ତେଣୁ ବହିଗୁଡ଼ିକୁ ବନ୍ୟାଜଳରୁ ରକ୍ଷା କରିବା ଲାଗି ଷ୍ଟୋର ମାଲିକ ଏଭଳି ଏକ ଅଭିନବ ଉପାୟ ଆପଣେଇଛନ୍ତି। ଯାହା ଏଠାକୁ ଆସୁଥିବା ଗ୍ରାହକମାନଙ୍କୁ ମଧ୍ୟ ବେଶ ଆକର୍ଷିତ କରୁଛି। ଏହି ବୁକ୍ ଷ୍ଟୋରରେ ବିଭିନ୍ନ ଭାଷାର ବହି ଏବଂ ମାଗାଜିନ ସମେତ ବିଭିନ୍ନ ମ୍ୟାପ୍ ଏବଂ ପୋଷ୍ଟକାର୍ଡ ମଧ୍ୟ ଉପଲବ୍ଧ ରହିଛି।

# ଏ ସପ୍ତାହର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର

ଜାନୁୟାରୀ ୧୩-୧୯

**ମେଷ**
କର୍ମକ୍ଷେତ୍ରରେ ଉନ୍ନତି। ସଭାସମିତିରେ ସଫଳତା। ଶତ୍ରୁତାର ଅବସାନ। ଦୂରଯାତ୍ରା। ଲେଖାପଢ଼ାରେ ରୁଚି। ପ୍ରକାଶନରେ ଦ୍ୱନ୍ଦ୍ୱ। ଭୁଲ୍ ବୁଝାମଣାରୁ ବିବାଦ । କରଜ କରିପାରନ୍ତି। କାର୍ଯ୍ୟବ୍ୟସ୍ତତା ବୃଦ୍ଧି ।

**ବୃଷ**
କାର୍ଯ୍ୟସିଦ୍ଧି, ନୂତନ ମିତ୍ରତା। ଅଭିଳାଷ ପୂରଣରୁ ଆନନ୍ଦ। ସମ୍ପତ୍ତି ବଣ୍ଟାରେ ଟଣାଓଟରା । ଭୁଲ କାମ କରିପାରନ୍ତି । ବ୍ୟବସାୟରେ ପ୍ରତିଦ୍ୱନ୍ଦ୍ୱିତା। ସାମାଜିକ ସମ୍ମାନ। ପାରିବାରିକ ବିଶୃଙ୍ଖଳା । ସହାୟତା ପାଇବେ। ଶୁଭଖବର ପ୍ରାପ୍ତି।

**ମିଥୁନ**
ସ୍ୱାସ୍ଥ୍ୟ ସମସ୍ୟାରୁ ଦୁଶ୍ଚିନ୍ତା। ମନ ବିଚଳିତ ରହିବ। ସରକାରୀ କ୍ଷେତ୍ରରୁ ଲାଭ। ସତ୍‌ସଙ୍ଗ କରିପାରନ୍ତି। ସୁଯୋଗ ପାଇବେନି । ଯାତ୍ରାରେ ହଇରାଣ। ନୂତନ ବନ୍ଧୁ ପ୍ରସ୍ତାବ ଆସିବ। ଉନ୍ନୟନ କାମରେ ବାଧା। ପଡୋଶୀଙ୍କ ଛଳନା। ବାଣିଜ୍ୟରେ ଉନ୍ନତି।

**କର୍କଟ**
ମନ ଭାରାକ୍ରାନ୍ତ ରହିବ। ବନ୍ଧୁଟି ସ୍ୱାର୍ଥବାଦୀ ହୋଇପାରେ। ଦ୍ରବ୍ୟ ନଷ୍ଟରୁ କ୍ଷୋଭ। ଉଚ୍ଚବର୍ଗଙ୍କ ସମାଲୋଚନା। ସାହିତ୍ୟରୁ ସୁନାମ। ରଚନାତ୍ମକ କାମରେ ପ୍ରଶଂସା । ବଦ୍‌ଖର୍ଚ୍ଚରୁ ମନସ୍ତାପ। ଧର୍ମଚର୍ଚ୍ଚା।

**ସିଂହ**
ପାରିବାରିକ ତିକ୍ତତା। ପ୍ରତୀକ୍ଷିତ ଖବର ପ୍ରାପ୍ତି। ବ୍ୟବସାୟରେ ଝଗଡ଼ା। ବନ୍ଧୁଙ୍କ ସାହାଯ୍ୟର ପ୍ରତିଶ୍ରୁତି। ଅତିଥି ଚର୍ଚ୍ଚାରୁ ଆନନ୍ଦ। ଉଚ୍ଚଶିକ୍ଷାର ସୁଯୋଗ। ଭ୍ରମଣ ହେତୁକ କ୍ଳାନ୍ତି । କୂଟନୈତିକ ସଫଳତା।

**କନ୍ୟା**
ଅହେତୁକ ଚିନ୍ତା। ବନ୍ଧୁଟି ଭୁଲ୍ ବୁଝିବେ। କାମ ଅସମ୍ପୂର୍ଣ୍ଣ ରହିଯିବ। ଆୟ ତୁଳନାରେ ବ୍ୟୟ ବୃଦ୍ଧି । ସାଧାରଣ ଘଟଣାରେ ଉଚ୍ଚବାଚ । ବିବାଦୀୟ ପରିସ୍ଥିତିର ମୁକାବିଲା । ବ୍ୟବସାୟ ବଢ଼ାଇବେ।

**ତୁଳା**
ବନ୍ଧୁ ମିଳନ । ସହକର୍ମୀଙ୍କ ଅନୁରକ୍ତି । ଯାନ୍ତ୍ରିକ ତ୍ରୁଟି । ଧର୍ମ କାର୍ଯ୍ୟ ପାଇଁ ପ୍ରେରଣା । ପ୍ରଶାସନିକ ତତ୍ପରତା। ବ୍ୟବସାୟିକ ଉତ୍କର୍ଷତା। ଅର୍ଥ ସମ୍ପର୍କରେ ଦ୍ୱନ୍ଦ୍ୱ। ପାରିବାରିକ ମତାନ୍ତର। ଫଳପ୍ରଦ ଗବେଷଣା। ଅଧସ୍ତନଙ୍କ ଅସହଯୋଗ।

**ବିଛା**
ନୂତନ କାମର ପରିକଳ୍ପନା । ବିଶିଷ୍ଟ ବ୍ୟକ୍ତିଙ୍କ ପରାମର୍ଶ । ସ୍ଥଗିତ କାମରୁ ଦୁଶ୍ଚିନ୍ତା। କୈଫିୟତ୍ ତଲବ। ଖୁସିଗପର ମଉକା। ସହମତିରେ ସଫଳତା । ଲୋକ ସମ୍ପର୍କ ବୃଦ୍ଧି। ମିତବ୍ୟୟୀ ହେବେ। ପ୍ରତିକୂଳ ପରିସ୍ଥିତି ଆସିବ। ସନ୍ତାନ ହେତୁକ ଦୁଶ୍ଚିନ୍ତା।

**ଧନୁ**
ପଡୋଶୀଙ୍କ ସହ କଳହ। ଅର୍ଥସଙ୍କଟରୁ ଚିନ୍ତା, ନିର୍ମାଣାଧୀନ କାର୍ଯ୍ୟରେ ଦ୍ୱନ୍ଦ୍ୱ। ପରିବହନରୁ ଲାଭ। ଚୁକ୍ତିପତ୍ର ସମ୍ପାଦନ। ବାଣିଜ୍ୟରେ ପ୍ରତିବନ୍ଧକ। ଲକ୍ଷ୍ୟପୂରଣ। ପ୍ରଶଂସା ବଦଳରେ ଅଭିଯୋଗ ପାଇବେ।

**ମକର**
ବିବାଦୀୟ ହୋଇପାରନ୍ତି। ପାରିବାରିକ ଅଶାନ୍ତି। ସ୍ନାୟବିକ ଦୁର୍ବଳତା। ବନ୍ଧୁଙ୍କ ଅର୍ଥ ସାହାଯ୍ୟ। ଦୂରଯାତ୍ରାର ଯୋଜନା। ମାଙ୍ଗଳିକ କାର୍ଯ୍ୟ ପାଇଁ ଆଲୋଚନା। ମୂଲ୍ୟବାନ ଦ୍ରବ୍ୟ ଲାଭ । ଆରୋଗ୍ୟ ଲାଭ। କୂଟନୈତିକ ସଫଳତା।

**କୁମ୍ଭ**
ପରିସ୍ଥିତିକୁ ସଜାଡ଼ିବେ। ପାରିବାରିକ ସଦ୍‌ଭାବ। ବିଭିନ୍ନ ସୂତ୍ରରୁ ରୋଜଗାର । ଭୁଲ୍ ଖବରରୁ ବ୍ୟସ୍ତତା। ଭ୍ରମଣ ହେତୁକ ଅବସାଦ। ଖର୍ଚ୍ଚଭାର ଯୋଗୁ ଚିନ୍ତା। କର୍ମକ୍ଷେତ୍ରରେ ସମ୍ମାନ ଲାଭ । ମିତ୍ରବନ୍ଧୁ ଜୁଟିବେ । କ୍ରୀଡ଼ା, ସଙ୍ଗୀତରେ ଅଭିରୁଚି।

**ମୀନ**
ଏକାଧିକ କାମରୁ ଦ୍ୱନ୍ଦ୍ୱ। ଯାତ୍ରାରେ ଅଭିଳଷିତ ଫଳ। ଆମୋଦ ପ୍ରମୋଦର ମଉକା। ଆନୁଷ୍ଠାନିକ କ୍ଷେତ୍ରରେ ପଦମର୍ଯ୍ୟାଦା। ଆତ୍ମୀୟସ୍ୱଜନଙ୍କ ପାଇଁ ଚିନ୍ତା । ଅର୍ଥପ୍ରାପ୍ତିରୁ ଆନନ୍ଦ ହେବ। ଇଚ୍ଛା ବିରୋଧରେ କାମ । ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବେ।

# ପାଠକୀୟ

❖ରେଷ୍ଟୁରାଣ୍ଟରେ ଖାଇବାର ମଜା ହିଁ କିଛି ନିଆରା। ବେଳେବେଳେ କିଛି ଅଜବ ନାଁର ରେଷ୍ଟୁରାଣ୍ଟ ଆଖି ଆଗକୁ ଚାଲି ଆସିଲେ କିଛି କ୍ଷଣ ଛିଡ଼ା ହୋଇଯିବାକୁ ଇଚ୍ଛା ହୁଏ। କିନ୍ତୁ ଏହି ରେଷ୍ଟୁରାଣ୍ଟଗୁଡ଼ିକର ନାଁ ସିନା ଅଜବ ଥାଏ, ହେଲେ ସେଠାରେ ଯେଉଁ ଖାଦ୍ୟ ପରଷା ଯାଏ ତା'ର ସ୍ୱାଦ ମନ କିଣିନିଏ। ଏମିତି ଏକ ବିଷୟକୁ ନେଇ ଉପସ୍ଥାପନା କରାଯାଇଥିବା ଉକ୍ତ ସଂଖ୍ୟାର ପ୍ରଚ୍ଛଦ ପ୍ରସଙ୍ଗ 'ନାଁ ଅଜବ ସ୍ୱାଦ ଗଜବ' ପାଠଟି ସତରେ ଏକ ମଜାଳିଆ ଆଲେଖ୍ୟ ଥିଲା। 'ନୂଆ ବର୍ଷର ନୂଆ ସଂକଳ୍ପ' ଏବଂ 'ନୂଆ ବର୍ଷ ଅବସରରେ ଦୁବାଇର ରେକର୍ଡ' ଆଦି ପାଠଗୁଡ଼ିକରୁ କିଛି ନୂଆ ଶିଖିବାକୁ ମିଳିଲା।

**–ରାକେଶ ବରାଳ, କରଞ୍ଜିଆ, ବାଲେଶ୍ୱର**

❖ସେକେଣ୍ଡ ୱାଇଫ୍ କିଚେନ୍, ପେଟପୂଜା, ଦେଶୀମୁର୍ଗା, ଘାସଫୁସ୍, ଫାଲ୍‌ତୁ ଇତ୍ୟାଦି ରେଷ୍ଟୁରାଣ୍ଟ ତା' ନାଁ ପାଇଁ ଯେମିତି ଗ୍ରାହକଙ୍କୁ ଆକୃଷ୍ଟ କରେ, ତା'ର ସ୍ୱାଦ ସେମିତି ଗ୍ରାହକଙ୍କୁ ବାନ୍ଧିରଖେ। ତେଣୁ ଏମିତି କିଛି ନିଆରା ନାଁର ରେଷ୍ଟୁରାଣ୍ଟ ଓ ତା'ର ଖାଦ୍ୟ ତାଲିକାକୁ ନେଇ ଛୁଟିଦିନରେ ପ୍ରସ୍ତୁତ କରାଯାଇଥିଲା ଏକ ଭିନ୍ନ ସ୍ୱାଦର ପ୍ରଚ୍ଛଦ ପ୍ରସଙ୍ଗ 'ନାଁ ଅଜବ ସ୍ୱାଦ ଗଜବ', ଯାହା ପ୍ରାୟ ସମସ୍ତଙ୍କୁ ନିଶ୍ଚୟ ପସନ୍ଦ ଆସିଥିବ। ଠିକ୍ ସେମିତି ନୂଆବର୍ଷକୁ ଆଖି ଆଗରେ ରଖି ସ୍ୱତନ୍ତ୍ର ଭାବେ ପ୍ରକାଶିତ ହୋଇଥିବା କବିତା ପୃଷ୍ଠାଟି ବି ଖୁବ୍ ସୁନ୍ଦର ଥିଲା।

**–ସରୋଜ ମହାରଣା, ସାମନ୍ତରାପୁର, ଭୁବନେଶ୍ୱର**

❖ବ୍ୟକ୍ତିତ୍ୱ ପୃଷ୍ଠାରୁ ଖ୍ୟାତନାମା ଶିଳ୍ପୀ ବ୍ରଜକିଶୋର ଜେନାଙ୍କ ସଂଘର୍ଷପୂର୍ଣ୍ଣ ଜୀବନୀ ସମ୍ପର୍କରେ ପଢ଼ି ଖୁସି ଲାଗିଲା। ସିନେମା ପୃଷ୍ଠାରେ ସ୍ଥାନିତ କାଜଲଙ୍କ ଫଟୋଟି ଆକର୍ଷଣୀୟ ହୋଇଥିଲା। ତା'ଛଡ଼ା ନୂଆବର୍ଷର କ୍ୟାଲେଣ୍ଡର୍ ବି ଆଖିଦୃଶିଆ ଲାଗୁଥିଲା। ସାଉଣ୍ଡ ଇଞ୍ଜିନିୟର ତଥା ଅଭିନେତା ସଞ୍ଜୟ ମହାରଣାଙ୍କ ରୋଜଗାର ସମ୍ପର୍କିତ ଲେଖାଟି ବେଶ୍ ହୃଦୟସ୍ପର୍ଶୀ ହୋଇପାରିଥିଲା। **–ପ୍ରଦୀପ ନାୟକ, ସୁନ୍ଦରଗଡ଼**

❖ନୂଆବର୍ଷ ଓ ରାଶିଫଳ ନାମକ ଗପ ଦୁଇଟିର ଉପସ୍ଥାପନା ଶୈଳୀ ମୋ ମନ କିଣିନେଲା। ମଡେଲ୍ ମିରର୍‌ରେ ପ୍ରତୀକ୍ ବେଶ୍ ହ୍ୟାଣ୍ଡସମ୍ ଲାଗୁଥିଲେ। ତା'ଛଡ଼ା ହାଃ ହାଃ ବି ହସର ଭଲ ଖୋରାକ୍ ଯୋଗାଇଥିଲା ଏଥର। ସେହିପରି ସହର ପୃଷ୍ଠାରୁ 'ବୃନ୍ଦାବନ ଉଦ୍ୟାନ' ସମ୍ପର୍କରେ ନୂଆ ନୂଆ କଥା ଜାଣିବାକୁ ମିଳିଲା।

**–ଶରତ ଚନ୍ଦ୍ର ମହାନ୍ତି, ମାଉସୀ ମା' ଛକ, ପୁରୀ**

–'ମାର୍ଶଲ ଗାଡ଼ିର ଛାତ', 'ବିମାନରେ ସନ୍ତାନ ପ୍ରସବ', 'ସୁନ୍ଦରୀ ପୁଷି', 'କୁମ୍ଭୀର ସହ ୨୦ ବର୍ଷ' ଇତ୍ୟାଦି ପାଠଗୁଡ଼ିକ ବେଶ୍ ରୋମାଞ୍ଚପୂର୍ଣ୍ଣ ଥିଲା। ସେହିପରି ଯାତ୍ରା ପୃଷ୍ଠାରୁ ନିର୍ଦ୍ଦେଶକ ମହେଶ ହାଜରାଙ୍କ ସଂଘର୍ଷମୟ ଜୀବନ ତଥା ଡ୍ୟାନ୍ସର୍‌ରୁ ନାୟିକା ସାଜିଥିବା ଦୀପିକା (କୁନୁ)ଙ୍କ ଜଲିଉଡ୍ ଜୀବନ ସମ୍ପର୍କରେ ପଢ଼ିଲି, ଯାହା ବେଶ୍ ହୃଦୟସ୍ପର୍ଶୀ ହୋଇଥିଲା।

**–ବିଶ୍ୱଜିତ୍ ମିଶ୍ର, ଟାଙ୍ଗୀ, ଖୋର୍ଦ୍ଧା**

# ମକର ସଂକ୍ରାନ୍ତି କେଉଁଠି କେମିତି

✲ ଆନ୍ଧ୍ରପ୍ରଦେଶ ଏବଂ ତେଲେଙ୍ଗାନାରେ ଏହି ପର୍ବ ୪ ଦିନ ଧରି ପାଳନ କରାଯାଏ। ଏହି ପର୍ବର ପ୍ରଥମ ଦିନକୁ ଭୋଗୀ, ଦ୍ୱିତୀୟକୁ ମକର, ତୃତୀୟକୁ କନୁମା ଏବଂ ଚତୁର୍ଥ ଦିନକୁ ମୁକନୁମା ନାମରେ ପାଳନ କରାଯାଏ। ଏହି ଅବସରରେ ଏଠାରେ ବଳଦ ଦୌଡ଼, ଗୁଡିଉଡା ତଥା ଗଞ୍ଜା ଲଢ଼େଇ ଆଦି ପ୍ରତିଯୋଗିତା ଆୟୋଜନ କରାଯାଇଥାଏ।

✲ ତାମିଲନାଡୁରେ ଏହି ପର୍ବ ତିନିଦିନ ବ୍ୟାପୀ ମଙ୍ଗଲ ଉତ୍ସବ ରୂପେ ପାଳନ କରାଯାଏ। ଏହି ଅବସରରେ ଚାଉଳ, ଗୁଡ଼ ଏବଂ କ୍ଷୀରରେ ମଙ୍ଗଲ ନାମକ ଏକ ପ୍ରକାର ବ୍ୟଞ୍ଜନ ପ୍ରସ୍ତୁତ କରାଯାଇ ସୂର୍ଯ୍ୟଙ୍କୁ ଅର୍ପଣ କରାଯାଇଥାଏ। ଏହି ଅବସରରେ ଗାଈ, ବଳଦ, ମଇଁଷିଙ୍କୁ ଫୁଲରେ ସଜାଯାଇ ପୂଜାର୍ଚ୍ଚନା କରାଯାଇଥାଏ।

✲ କର୍ନାଟକରେ ଏହି ପର୍ବ ଫସଲକଟା ଉତ୍ସବ ରୂପେ ପାଳନ କରାଯାଏ। ଏଠାରେ ଲୋକେ ପରସ୍ପରକୁ ଭଜା ରାଶି, କାଜୁବାଦାମ୍, ଚଣା ଏବଂ ଶୁଖିଲା ନଡ଼ିଆ ଭେଟି ଦେଇଥାନ୍ତି। ଏହା ଦ୍ୱାରା ବନ୍ଧୁତା ଅତୁଟ ରୁହେ ବୋଲି ବିଶ୍ୱାସ ରହିଛି।

✲ ପଶ୍ଚିମବଙ୍ଗରେ ଏହି ଦିନଟି ପୌଷ ପାର୍ବନ୍ ନାମରେ ଖ୍ୟାତ। ଉକ୍ତ ଦିନ ତୀର୍ଥଯାତ୍ରୀମାନେ ଗଙ୍ଗାସାଗରରେ ବୁଡ ପକାନ୍ତି। ଏହି ସଂଗମ ସ୍ଥଳରେ ବୁଡ ପକାଇବା ଦ୍ୱାରା ପାପରୁ ମୁକ୍ତି ମିଳିଥାଏ ବୋଲି ବିଶ୍ୱାସ ରହିଛି।

✲ ଗୁଜରାଟରେ ଏହି ପର୍ବକୁ 'ଉତ୍ତରାୟଣ' ବୋଲି କୁହାଯାଏ। ଏହି ଅବସରରେ ଏଠାରେ ଗୁଡିଉଡା ପର୍ବ ପାଳନ କରାଯାଇଥାଏ।



# ବିଶେଷ ଚିଠି



କିଲର୍ ଫୁଲ୍ ଲାଗେ ରବିବାର
ଛୁଟିଦିନ ଆସିଲା ପରେ,
ୱଣ୍ଡର୍ ଫୁଲ୍ ଲାଗେ ରବିବାର
ଛୁଟିଦିନ ଆସିଲା ପରେ।
ତୋରି ପାଠରେ, ତୋରି ଲେଖାରେ
ଆଜି ମୁଁ ଅଛି ଖୁସିରେ,
ପାଠକ ହୋଇ ଗୁହାରୁଛି ତୋତେ
ସବୁଦିନ ଥାଅ ସାଥୀରେ।

*–ଗୋବିନ୍ଦ ଚନ୍ଦ୍ର ହାଁସଦା,*
*ବଡ଼ନାଲୁଆ, ବିଶୋଇ, ମୟୂରଭଞ୍ଜ*

ଧରିତ୍ରୀ ଛୁଟିଦିନ
ସମ୍ପାଦକ: ତଥାଗତ ସତପଥୀ
Printed and published by Sri Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Rasulgarh Industrial Estate, Bhubaneswar-10, Ph.:2549302, Fax : 2549795

ସୂଚନା
ଛୁଟିଦିନ ପାଇଁ ଲେଖା ଓ ଫଟୋ ପଠାଇବାର ଇ–ମେଲ୍ ଠିକଣା: chhutidinadharitri@gmail.com

# ରଫଲ୍ ଶାଢ଼ି ଟ୍ରେଣ୍ଡ



**ଫ୍ୟାଶନ କ୍ଷେତ୍ରରେ ଶାଢ଼ିର ଚାହିଦା ସବୁବେଳେ ରହିଆସିଛି। ତେବେ ଡିଜାଇନର ଶାଢ଼ି ମଧ୍ୟରେ ବର୍ତ୍ତମାନ ରଫଲ୍ ଶାଢ଼ିର ଟ୍ରେଣ୍ଡ୍ ଦେଖିବାକୁ ମିଳୁଛି। ଯଦିଓ ଏହି ଡିଜାଇନ୍ ସତୁରି ଦଶକର ଶାଢ଼ିରେ ଦେଖିବାକୁ ମିଳୁଥିଲା, ବର୍ତ୍ତମାନ କିନ୍ତୁ ଏହି ଡିଜାଇନ୍‌ର ଫ୍ୟୁଜନ ଷ୍ଟାଇଲ ବେଶ୍ ଚର୍ଚ୍ଚାରେ ରହିଛି। ତେବେ ଆଜିକାଲି ମାର୍କେଟ୍‌ରେ ଏହି ଶାଢ଼ିର କିଭଳି ଡିଜାଇନ୍ ଉପଲବ୍ଧ ଅଛି ଆସନ୍ତୁ ଜାଣିବା...**

**ରଫଲ୍ ବର୍ଡର–** ସାଧାରଣତଃ ଶାଢ଼ିର ବର୍ଡରେ ପ୍ଲେନ୍ ଲେସ୍‌ଯୁକ୍ତ ବା ଫର୍‌ଯୁକ୍ତ ହୋଇଥିବା ବେଳେ ରଫଲ୍ ଡିଜାଇନ୍ ଶାଢ଼ିର ବର୍ଡର ରଫଲ୍ ବା କୁଞ୍ଚ ହୋଇ ରହିଥାଏ। ରଫଲ୍ ବର୍ଡର ଶାଢ଼ି ସହିତ ସ୍ଲିଭଲେସ୍, ବ୍ୟାକ୍‌ଲେସ୍ ବା କଲାର୍ଡ ବ୍ଲାଉଜ ବେଶ୍ ଭଲ ଦେଖାଯାଇଥାଏ।

**ରଫଲ୍ ପଲ୍ଲୁ–** ରଫଲ୍ ବର୍ଡର ଭଳି ଶାଢ଼ିର ପଲ୍ଲୁ ମଧ୍ୟ ରଫଲ୍ ଡିଜାଇନ୍‌ଯୁକ୍ତ ଉପଲବ୍ଧ ହେଉଛି। ତେବେ ଏହି ଡିଜାଇନର୍ ଶାଢ଼ି ସହ କଣ୍ଟ୍ରାଷ୍ଟ କଲର ପ୍ଲେନ୍ ବ୍ଲାଉଜ ବା ଡିଜାଇନର ବ୍ଲାଇଜ୍ ଦେବ ଏକ ଟ୍ରେଣ୍ଡି ଲୁକ୍। ଆପଣ ଯଦି ଚାହାନ୍ତି, ଏହି ଡିଜାଇନ୍‌ର ଶାଢ଼ି ସହିତ ଚୁଡ଼ିଦାର ମଧ୍ୟ ପିନ୍ଧିପାରିବେ, ଯାହା ଆପଣଙ୍କୁ ଦେବ ଏକ ଗ୍ଲାମର୍ସ ଲୁକ୍।

**ରଫଲ୍ ପ୍ଲିଟ୍ସ–** ଶାଢ଼ିର କୁଞ୍ଚ ସ୍ଥାନରେ ଥିବା ରଫଲ୍ ଡିଜାଇନ୍, ଶାଢ଼ିକୁ ଦେଇଥାଏ ଏକ ଏଲିଗାଣ୍ଟ ଲୁକ୍। ଏହି ଶାଢ଼ି ସହ ରଫଲ ସ୍ଲିଭ ବ୍ଲାଉଜ ପିନ୍ଧି ଆପଣ ଦେଖାଯିବେ ବୋଲ୍ଡ ଏବଂ ଗ୍ଲାମର୍ସ।

ଉକ୍ତ ଡିଜାଇନ ଶାଢ଼ିର ବିଭିନ୍ନ ଭେରାଇଟି ଯେପରି ଷ୍ଟିଚ୍, ଅନ୍‌ଷ୍ଟିଚ୍ ତଥା ସେମିଷ୍ଟିଚ୍ ମାର୍କେଟ୍‌ରେ ଉପଲବ୍ଧ ହେଉଛି। ଆପଣଙ୍କ ପସନ୍ଦ ଏବଂ ସୁବିଧା ମୁତାବକ ଯେକୌଣସି ଶାଢ଼ି କ୍ରୟ କରି ପିନ୍ଧିପାରିବେ। ତେବେ ଏହି ସିଜନ୍‌ରେ ଯଦି କୌଣସି ପାର୍ଟି ଫଙ୍କ୍‌ସନ୍ ଆଟେଣ୍ଡ କରୁଛନ୍ତି, ଏହି ଲାଟେଷ୍ଟ ଡିଜାଇନ୍‌ର ରଫଲ୍ ଶାଢ଼ି ସହିତ ମ୍ୟାଚିଂ ଜୁଏଲାରି ପିନ୍ଧନ୍ତୁ ଏବଂ ନିଜକୁ ଦିଅନ୍ତୁ ଏକ ଟ୍ରେଣ୍ଡି ଲୁକ୍।





# ସଂକ୍ରାନ୍ତି



**ସାରା ଓଡ଼ିଶାରେ ସଂକ୍ରାନ୍ତିର ରହିଛି ବିଶେଷ ମହତ୍ତ୍ୱ। ତେବେ ବିଭିନ୍ନ ଅଞ୍ଚଳରେ ଏହାର ପାଳନର ବିଧି କିନ୍ତୁ ଭିନ୍ନଭିନ୍ନ। ସଂକ୍ରାନ୍ତି ଓ ତାହାର ମାହାତ୍ମ୍ୟକୁ ନେଇ ଉପସ୍ଥାପନା...**


କଳା, ସଂସ୍କୃତିର ରାଜ୍ୟ ଓଡ଼ିଶାରେ ବହୁ ବିରଳ ପରମ୍ପରା ଦେଖିବାକୁ ମିଳେ। ବିଶେଷକରି ବର୍ଷର ପ୍ରତ୍ୟେକଟି ମାସରେ ପଡୁଥିବା ସଂକ୍ରାନ୍ତିକୁ ନେଇ ଅନେକ ସ୍ଥାନରେ କିଛି ନିଆରା ପରମ୍ପରା ପାଳନ କରାଯାଇଥାଏ। ଯେମିତିକି–

**ମକର ସଂକ୍ରାନ୍ତିରେ ତଗା ପୂଜା:** ଚିଲିକା ହ୍ରଦ ମଧ୍ୟରେ ଥିବା ତ୍ରିଶିଖ ପାହାଡ଼ରେ ବିରାଜମାନ କରିଛନ୍ତି ମା' କାଳିଜାଈ। ମା'ଙ୍କର ଏହି ପୀଠରେ ମୁଖ୍ୟ ପର୍ବ ଭାବେ ମକର ପର୍ବ ପ୍ରସିଦ୍ଧ। ଏହି ପର୍ବରେ ସ୍ଥାନୀୟ ମତ୍ସ୍ୟଜୀବୀମାନେ ଚିଲିକାରେ ମା' କାଳିଜାଈଙ୍କ ପ୍ରତୀମା ସ୍ୱରୂପ ଏକ ବାଉଁଶ ଗଛ (ସ୍ଥାନୀୟ ଲୋକଙ୍କ ଭାଷାରେ 'ତଗା') ପୋତି ସେଥିରେ ସାଲୁକନା ବାନ୍ଧି ଓ ଡଙ୍ଗା ଖଟାଇ ପୂଜାର୍ଚ୍ଚନା କରିଥାନ୍ତି। ଆଉ ମକର ଚାଉଳ ଭୋଗ କରି ସମସ୍ତଙ୍କୁ ବାଣ୍ଟିଥାନ୍ତି।

**ପଣା ସଂକ୍ରାନ୍ତିରେ ଖପରାରେ ଭୋଗ ସେବନ:** ବାଣପୁରର ପ୍ରସିଦ୍ଧ ତନ୍ତ୍ରପୀଠ ମା'ଭଗବତୀଙ୍କ ଚଳନ୍ତି ପ୍ରତୀମା କାଠି ଠାକୁରାଣୀ ମହାବିଷ୍ୁବ ସଂକ୍ରାନ୍ତି ଦିନ ଭାଟପଡ଼ାକୁ ଯାତ୍ରା କରି, ପରେ ସେଠାରୁ ସୋଲରୀ ପାହାଡ଼ରେ ବିଜେ ମା' ସିଦ୍ଧାମ୍ବରୀ ପୀଠକୁ ଯାଇଥାନ୍ତି ଆଉ ସେଠାରେ ରାତ୍ରିଯାପନ କରିଥାନ୍ତି। ସେଦିନ ରାତିରେ ମା'ଙ୍କ ପୀଠରେ ଆମିଷ ଭୋଗ ଲାଗି ହେଉଥିବାବେଳେ ନିକଟସ୍ଥ ଶୈବପୀଠରେ ନିରାମିଷ ଭୋଗ ଲାଗି ହୋଇଥାଏ। ତେଣୁ ଭକ୍ତମାନେ ସେଦିନ ଦହି, ଚୁଡ଼ା ଓ ଗୁଡ଼ ଭୋଗକୁ ଖପରାରେ ସେବନ କରିଥାନ୍ତି। ସେହିପରି ନିକଟସ୍ଥ ଶୈବପୀଠରେ ପଣା ସଂକ୍ରାନ୍ତିରେ ବେଲପଣାକୁ ପ୍ରସାଦ ଭାବେ ଭକ୍ତଙ୍କୁ ବଣ୍ଟା ଯାଇଥାଏ।

**ପଣା ସଂକ୍ରାନ୍ତିରେ ବ୍ରତୋପନୟନ କାର୍ଯ୍ୟ ହୁଏ:** ଯାଜପୁର ଜିଲା ରସୁଲପୁର ବ୍ଲକର ସିଂହପୁର। ଏଠାରେ ପ୍ରତିବର୍ଷ ପାଳିତ ହୋଇଥାଏ ମଧୁତୀର୍ଥ ଜଳାଶୟୀ ଶ୍ରୀନାରାୟଣ ଗୋସାଇଁଙ୍କ ଜଳୋତ୍ଥାନ ଯାତ୍ରା। ଶ୍ରୀନାରାୟଣ ଗୋସାଇଁ ମହାବିଷ୍ୁବ ସଂକ୍ରାନ୍ତି ବା ପଣା ସଂକ୍ରାନ୍ତିରେ ଜଳାଶୟନ ତ୍ୟାଗ କରି ପୂଜା ମନ୍ଦିରକୁ ବିଜେ ହୁଅନ୍ତି। ମଧୁପୁରଗଡ଼ ରାଜାଙ୍କର କୂଳ ଦେବତ। ଶ୍ରୀନାରାୟଣ ଗୋସାଇଁଙ୍କ ଏହି ଯାତ୍ରା ପ୍ରତିବର୍ଷ ପାରମ୍ପରିକ ରୀତିନୀତିରେ ପାଳିତ ହୋଇଥାଏ। ହଜାର ହଜାର ଭକ୍ତଙ୍କ ସମାବେଶରେ ୩ ଦିନ ଧରି ଏକ ଆଧ୍ୟାତ୍ମିକ ପରିବେଶରେ ଏହି ଜଳଯାତ୍ରା ପାଳନ କରାଯାଏ। ଗାଁର ପ୍ରତିଟି ପରିବାରରେ ପ୍ରସ୍ତୁତ କରାଯାଇଥିବା ଭୋଗକୁ ଠାକୁରଙ୍କ ନିକଟରେ ପୂଜା କରାଯାଇଥାଏ। ଏହି ପର୍ବରେ ୩ ଦିନ ଧରି ଠାକୁର ଦର୍ଶନ ଦେଇଥାନ୍ତି। ଆଖପାଖ ଗାଁରେ ଆମିଷ ଓ ହଳ ନିଷେଧ ହୋଇଥାଏ। କିନ୍ତୁ ଏହି ସଂକ୍ରାନ୍ତିରେ ଏଠାରେ ବ୍ରାହ୍ମଣ ବାଳକଙ୍କ ବ୍ରତୋପନୟନ କାର୍ଯ୍ୟ ନିଃଶୁଳ୍କ ଭାବରେ ସମ୍ପନ୍ନ ହୋଇଥାଏ।





**ରଜ ସଂକ୍ରାନ୍ତିରେ ଏଣ୍ଡୁରି ପିଠା ପୂଜା ହୁଏ :** ରଜ ଆସିଲେ ସାଧାରଣତଃ ଓଡ଼ିଶାର ପୂରପଲ୍ଲୀରେ ରଜ ଦୋଳି, ପାନ, ପୋଡ଼ପିଠା ଆଦିର ଆସର ଜମିବା ସହିତ କେତେକ ସ୍ଥାନରେ ନିଆରା ଦୋଳିର ସାଜସଜ୍ଜା ହୋଇଥାଏ। ଏପରିକି ପୁରୀ ଜିଲା ବ୍ରହ୍ମଗିରିସ୍ଥିତ ପଲଙ୍କ ଗାଁରେ ଅବସ୍ଥିତ ମା' ବାଲିହରଚଣ୍ଡୀଙ୍କ ପୀଠରେ ରଜ ସମୟରେ ମେଳା ପଡ଼ିଥାଏ, ଯେଉଁଠାରେ ପାଇକ ଆଖଡ଼ା ସାଙ୍ଗକୁ ମେଣ୍ଢା ଲଢ଼େଇ ହୋଇଥାଏ। ସେହିପରି ଓଡ଼ିଆ ପାଇକମାନଙ୍କ ଯୁଦ୍ଧବିଦ୍ୟା ଶିକ୍ଷା ଅଭ୍ୟାସର ଅନ୍ତୁଡ଼ିଶାଳ କୁହାଯାଉଥିବା ଖୋର୍ଦ୍ଧାର ଐତିହାସିକ ମା' ବରୁଣେଈଙ୍କ ପୀଠରେ ମଧ୍ୟ ପ୍ରତିବର୍ଷ ରଜପର୍ବ ପାଳିତ ହୋଇଥାଏ। ଏହି ସମୟରେ ଏଠି ଠେକାମୁଆଁ ବିକ୍ରି ହେଉଥିବାବେଳେ ରଜ ସଂକ୍ରାନ୍ତି ବା ମିଥୁନ ସଂକ୍ରାନ୍ତିରେ ଅରୁଆ ଚୂନାରେ ପ୍ରସ୍ତୁତ ଏଣ୍ଡୁରି ପିଠାକୁ ପଣସପତ୍ର ଠୋଲାରେ ରଖି ମା'ଙ୍କ ପୀଠରେ ପୂଜା କରାଯାଇଥାଏ।

**ଧନୁ ସଂକ୍ରାନ୍ତିରେ ଧନୁମୁଆଁ :** ନୟାଗଡ଼ ଜିଲାର ଭାପୁର ବ୍ଲକ ଅନ୍ତର୍ଗତ ଧାଙ୍ଗିଡି ପାହାଡ଼ରେ ଅବସ୍ଥିତ ଲଳିତମାଧବ ପୀଠରେ ପ୍ରତିବର୍ଷ ଧନୁ ସଂକ୍ରାନ୍ତି ଦିନ ଧନୁ ମୁଆଁ ପୂଜା ହୋଇଥାଏ। ପ୍ରତିଦିନ ଏହି ପୀଠରେ ଲଳିତମାଧବଙ୍କଠାରେ ବାଳ ଭୋଗ, ମଧ୍ୟାହ୍ନରେ ଅନ୍ନଭୋଗ, ସନ୍ଧ୍ୟାରେ ଖେଚୁଡ଼ି ଭୋଗ ହୋଇଥାଏ। ମାତ୍ର ଧନୁ ସଂକ୍ରାନ୍ତି ଅବସରରେ ଏଠାରେ ମୁଆଁ ଭୋଗ କରାଯାଇଥାଏ। ଅନ୍ୟପକ୍ଷେ ବିଭିନ୍ନ ଗାଁର ଦେବଦେବୀଙ୍କ ପୀଠରେ ଏହିଦିନ ସାଧାରଣତଃ ଧନୁମୁଆଁ ପୂଜା ହେବାର ନଜିର ରହିଛି।

**ମୟୂରଭଞ୍ଜ ମକର ସଂକ୍ରାନ୍ତିର କଥା ହିଁ କିଛି ନିଆରା:** ମକର ସଂକ୍ରାନ୍ତିକୁ ମୟୂରଭଞ୍ଜ ଜିଲାବାସୀ ଏକ ନିଆରା ଢଙ୍ଗରେ ପାଳନ କରିଥାନ୍ତି। ଏହାକୁ ମୟୂରଭଞ୍ଜର ଗଣପର୍ବ ବୋଲି ମଧ୍ୟ କୁହାଯାଏ। ଏହି ଦିନ ଜିଲାର କୁଡୁମୀ ସମ୍ପ୍ରଦାୟରେ ଏକ ସ୍ୱତନ୍ତ୍ର ପୂଜା କରାଯାଇଥାଏ, ଯାହା ଟୁସୁ ପୂଜା ବା ଟୁସୁ ପର୍ବ ଭାବେ ଜଣାଶୁଣା। ଓଡ଼ିଆ ଘରର ଭାଲୁକୁଣୀ ଓଷା ଭଳି ଟୁସୁ ପୂଜାର ମଧ୍ୟ ମହତ୍ତ୍ୱ ରହିଛି ଏହି ସମ୍ପ୍ରଦାୟରେ। କୁଡୁମୀ ସମ୍ପ୍ରଦାୟର ଅବିବାହିତ ଝିଅମାନେ ଟୁସୁଦେବୀଙ୍କ ମୂର୍ତ୍ତିକୁ ଧରିବା ସହିତ ପାରମ୍ପରିକ ଗୀତ ଗାଇ ଗ୍ରାମ ପରିକ୍ରମା କରିଥାନ୍ତି। ପୂଜା ଶେଷ ହେବା ପରେ ଟୁସୁ ଦେବୀଙ୍କ ମୂର୍ତ୍ତିକୁ ନଦୀ କିମ୍ବା ପୋଖରୀରେ ବିସର୍ଜନ →





କରାଯାଇଥାଏ। ଟୁସୁଦେବୀ କୁଡୁମୀ ସମ୍ପ୍ରଦାୟର ଇଷ୍ଟ ଦେବୀ। ଟୁସୁ ପୂଜା ନେଇ କୌଣସି ଇତିହାସ ନ ଥିଲେ ମଧ୍ୟ ଏନେଇ ଏକ ପ୍ରବାଦ ରହିଛି। ଟୁସୁ କୌଣସି ଦେବୀ ନୁହଁନ୍ତି। ଜନଶ୍ରୁତି ଅନୁସାରେ, କୁଡୁମୀ ସମ୍ପ୍ରଦାୟର ଜନୈକ ଜମିଦାରଙ୍କ ଏକମାତ୍ର ଝିଅ ଥିଲେ ଟୁସୁ। ଦେଖିବାକୁ ଅପରୂପା ସୁନ୍ଦରୀ। ସେତେବେଳେ ଜିଲାରେ ମୋଗଲ ଶାସନ ଚାଲିଥିଲା ଏବଂ ଟୁସୁଙ୍କ ସୁନ୍ଦରତାରେ ବିମୋହିତ ହୋଇ ଜଣେ ମୋଗଲ ବାଦ୍‌ଶାହ ତାଙ୍କୁ ବେଗମ୍ କରିବାକୁ ଚାହିଁଥିଲେ। ହେଲେ ଟୁସୁଙ୍କ ବାପା ଏଥିରେ ରାଜି ନହୋଇ ଟୁସୁଙ୍କ ବିବାହ ପାଇଁ ଏକ ବର ପାତ୍ର ଯୋଗାଡ଼ କରିଥିଲେ। ଏଥିରେ ମୋଗଲ ବାଦ୍‌ଶାହ ରାଗିଯାଇ ଟୁସୁଙ୍କ ଭାବୀ ବରଙ୍କୁ ହତ୍ୟା କରିବା ସହିତ ଟୁସୁଙ୍କ ପରିବାରକୁ ନିର୍ଯାତନା ଦେଇଥିଲେ। ନିଜର ଭାବୀ ସ୍ୱାମୀଙ୍କ ହତ୍ୟା ଓ ପରିବାର ସଦସ୍ୟଙ୍କ ଉପରେ ହୋଇଥିବା ନିର୍ଯାତନା ପରେ ବାଦ୍‌ଶାହଙ୍କ କାମୁକ ନଜରରୁ ବଞ୍ଚିବାକୁ ଯାଇ ଟୁସୁ ଶେଷରେ ପବିତ୍ର ମକର ସଂକ୍ରାନ୍ତି ଦିନ ନଦୀରେ ଡେଇଁ ଆତ୍ମହତ୍ୟା କରି ନିଜ ସତିତ୍ୱକୁ ରକ୍ଷା କରିଥିଲେ। ସେହିଦିନଠାରୁ କୁଡୁମୀ ସମ୍ପ୍ରଦାୟ ତରଫରୁ ଟୁସୁଙ୍କ ସ୍ମୃତି ରକ୍ଷା ଉଦ୍ଦେଶ୍ୟରେ ମକର ସଂକ୍ରାନ୍ତି ଦିନ ଟୁସୁ ପୂଜା ବା ପର୍ବ ପାଳନ କରାଯାଇଥାଏ। ତେବେ କିଛି ବର୍ଷ ହେବ ଦେଖାଯାଉଛି, ଏଠାରେ ଟୁସୁ ପୂଜା ଅପେକ୍ଷା ସ୍ଥାନୀୟ ଲୋକେ ହାଣ୍ଡିଆ ଖାଇ ତଥା କୁକୁଡ଼ା ଲଢ଼େଇ ଭଳି ମଉଜ ମଜ୍‌ଲିସ୍ କାର୍ଯ୍ୟରେ ଲିପ୍ତ ରହି ଏହି ପର୍ବ ପାଳନ କରିବାକୁ ଅଧିକ ପସନ୍ଦ କରୁଛନ୍ତି। ଏଠାରେ ମକର ସଂକ୍ରାନ୍ତି ପୂର୍ବ ଦିନକୁ ମକର ବାଉଣ୍ଡି କୁହାଯାଇଥାଏ। ଏହି ଦିନ ମକର ପର୍ବ ପାଇଁ ବିଭିନ୍ନ ପ୍ରକାର ସାଜ ସରଞ୍ଜାମ ପ୍ରସ୍ତୁତି କରାଯାଏ। ବିଧି ଅନୁସାରେ ଅବିବାହିତ ଝିଅମାନେ ନିଜକୁ ପ୍ରସ୍ତୁତ କରିଥାନ୍ତି। ପ୍ରତ୍ୟେକ ଦଳରେ ୪ଜଣ ଅବିବାହିତ ଝିଅ ଟୁସୁ ଦେବୀଙ୍କ ପ୍ରତିମୂର୍ତ୍ତି ନିକଟରେ ପୌରାଣିକ ଗାଥା ଉପରେ ଆଧାରିତ ବିଭିନ୍ନ ପ୍ରକାରର ଗୀତ ଗାଇଥାନ୍ତି। ଏହାପରେ ଟୁସୁଦେବୀଙ୍କୁ ଘରକୁ ନେଇ ରାତିରେ ମକର ଚାଉଳ, ପିଠାପଣା ଆଦି ସମର୍ପଣ କରିଥାନ୍ତି ଓ ସାରାରାତି ଅନିଦ୍ରା ହୋଇ ପାରମ୍ପରିକ ଗୀତ ଓ ନୃତ୍ୟରେ ମସ୍‌ଗୁଲ ରହିଥାନ୍ତି। ତା'ପରେ ରାତ୍ରୀର ଚତୁର୍ଥ ପ୍ରହରରେ ମକର ପର୍ବକୁ ସ୍ୱାଗତ କରାଯାଏ। ମକର ସଂକ୍ରାନ୍ତିଙ୍କୁ ଏଠାରେ ଚାଉଣ୍ଡି ବୋଲି କୁହାଯାଏ। ଏହି ଦିନ ପାରମ୍ପରିକ ପୂଜା ଓ ଗୀତ ଗାନ କରି ଟୁସୁ ଦେବୀଙ୍କୁ ବିସର୍ଜନ କରାଯାଇଥାଏ। ସେହିପରି ମକର ସଂକ୍ରାନ୍ତିର ପର ଦିନକୁ ମକର ଧାଉଣ୍ଡି କୁହାଯାଏ। ଏହି ଦିନଠାରୁ ୧୫ଦିନ ପର୍ଯ୍ୟନ୍ତ ଏହି ସମ୍ପ୍ରଦାୟର ଲୋକେ ମଉଜ ମଜଲିସ୍ କରିଥାନ୍ତି। ଏହି ସମୟରେ ଜିଲାର ବିଭିନ୍ନ ସ୍ଥାନରେ ମକର ମେଳା, କ୍ରୀଡ଼ା ପ୍ରତିଯୋଗିତା, କୁକୁଡ଼ା ଲଢ଼େଇ ଆଦି ଅନୁଷ୍ଠିତ ହୋଇଥାଏ। ମାଦଳ ଓ ଧୂମସାର ତାଳେ ତାଳେ ସମସ୍ତେ ନାଚିଥାନ୍ତି।

### ବାଲେଶ୍ୱରର ମକର ସଂକ୍ରାନ୍ତି ଓ ରଜ ସଂକ୍ରାନ୍ତି

ବାଲେଶ୍ୱରବାସୀ ବର୍ଷର ବିଭିନ୍ନ ସଂକ୍ରାନ୍ତିକୁ ପାଳନ କରୁଥିଲେ ହେଁ ମୁଖ୍ୟତଃ ମକର ଓ ରଜ ସଂକ୍ରାନ୍ତିକୁ ଅଧିକ ଗୁରୁତ୍ୱ ଦେଇଥାନ୍ତି। ୧୨ଟି ବ୍ଲକ ବିଶିଷ୍ଟ ଏହି ଜିଲାର ନୀଳଗିରି, ଔପଦା, ବସ୍ତା ଏବଂ ରେମୁଣା ଇତ୍ୟାଦି ବ୍ଲକ ମୟୂରଭଞ୍ଜ ଜିଲାର ସୀମାକୁ ଲାଗିଛି। ଯେହେତୁ ମୟୂରଭଞ୍ଜରେ ମକର ସଂକ୍ରାନ୍ତିକୁ ଏକ ନିଆରା ଢଙ୍ଗରେ ପାଳନ କରାଯାଇଥାଏ, ତା'ର କିଛିଟା ଛାପ ଏହିସବୁ ବ୍ଲକମାନଙ୍କରେ ମଧ୍ୟ ଦେଖିବାକୁ ମିଳେ। ଖାସ୍ କରି ମକର ଓ ରଜ ସଂକ୍ରାନ୍ତି ଅବସରରେ ବାଲେଶ୍ୱରସ୍ଥିତ ଏ ସମସ୍ତ ଅଞ୍ଚଳରେ କୁକୁଡ଼ା ଲଢ଼େଇ, ନାଚଗୀତ ସାଙ୍ଗକୁ ହାଣ୍ଡିଆ ଓ ଆମିଷ ଭୋଜନର ଆସର ଜମେ। ଏପରି କି ଘରକୁ ଆସୁଥିବା ବନ୍ଧୁବାନ୍ଧବଙ୍କ ପାଇଁ ମଧ୍ୟ ଆମିଷ ଭୋଜନ ସ୍ୱତନ୍ତ୍ର ଭାବେ ପ୍ରସ୍ତୁତ କରାଯାଇଥାଏ। ତା' ଛଡ଼ା ଏ ସମସ୍ତ ବ୍ଲକ ଅନ୍ତର୍ଗତ ପ୍ରତି ଗ୍ରାମରେ ଏହି ଦୁଇଟି ସଂକ୍ରାନ୍ତିରେ ଗ୍ରାମ ଦେବତୀଙ୍କ ପୂଜାର୍ଚ୍ଚନା ସହ ଆଦିବାସୀ ନୃତ୍ୟ, ଭଜନ କୀର୍ତ୍ତନ ତଥା ମାଳିପାଟି ଯାତ୍ରା ମଧ୍ୟ କରାଯାଇଥାଏ। ସେହିପରି ପ୍ରତି ସଂକ୍ରାନ୍ତିରେ ଏଠାରେ କୁକୁଡ଼ା ଲଢ଼େଇ ହେଉଥିଲେ ହେଁ ମୁଖ୍ୟତଃ ମକର ଓ ରଜ ସଂକ୍ରାନ୍ତି ଅବସରରେ ଏଠାରେ ବଡ଼ ଆକାରରେ କୁକୁଡ଼ା ଲଢ଼େଇର ଆୟୋଜନ ହୁଏ, ଯେଉଁଥିରେ ଲକ୍ଷ ଲକ୍ଷ ଟଙ୍କା ଜୁଆ ଲଗାଇବା ଏଠାକାର ଅନ୍ୟତମ ପରମ୍ପରା। ଯେଉଁଥିପାଇଁ କି ପ୍ରଶାସନ ଏଥିରେ ଅଙ୍କୁଶ ଲଗାଇପାରେ ନାହିଁ। ଏସବୁ ବାଦ୍ ମକରରେ ଗୁଡ଼ିଉଡ଼ା କାର୍ଯ୍ୟକ୍ରମ ପୂର୍ବେ ଏଠାରେ ଦେଖିବାକୁ ମିଳୁଥିଲା। ହେଲେ ଏବେ ଏହାର ଚାହିଦା କମିଥିବା ଅନୁମାନ କରାଯାଉଛି।

*–ଅନ୍ୱିତା, ବନବିହାରୀ ବେହେରା*

*ତଥ୍ୟ ସହାୟତା– ରବି ନାରାୟଣ ଚଲାନ, ମାନସ ବିଶ୍ୱାଳ*

# ସଂକ୍ରାନ୍ତି ମାହାତ୍ମ୍ୟ

କାଳଗଣନା ଓ ସଂକ୍ରାନ୍ତି ପ୍ରସଙ୍ଗରେ ଜ୍ୟୋତିର୍ବିଦ୍ୟା ବିଶାରଦ **ପ୍ରସନ୍ନ କୁମାର ମହାପାତ୍ର** କୁହନ୍ତି, ରବି (ସୂର୍ଯ୍ୟ) ପ୍ରତ୍ୟେକ ରାଶିରେ ମାସେ ଲେଖାଏଁ ଅବସ୍ଥାନ କରିଥାନ୍ତି, ଯାହାକୁ ସୌରମାସ ବୋଲି କୁହାଯାଏ। ୧୨ଟି ସୌରମାସକୁ ନେଇ ଗୋଟିଏ ସୌରବର୍ଷ ହୋଇଥାଏ। ସେହିପରି କାଳଗଣନା ଅନୁସାରେ ପ୍ରତି ସୌରବର୍ଷରେ ଦୁଇଟି ଅୟନ ହୋଇଥାଏ ଅର୍ଥାତ୍ ପ୍ରତି ଛଅ ମାସରେ ଗୋଟିଏ ଅୟନ ହୁଏ, ଯାହା ଉତ୍ତରାୟଣ ଓ ଦକ୍ଷିଣାୟନ ନାମରେ ନାମିତ। କର୍କଟ ରାଶିଠାରୁ ଧନୁ ରାଶି ଶେଷ ପର୍ଯ୍ୟନ୍ତ ରବିଙ୍କ ଚଳନକୁ ଦକ୍ଷିଣାୟନ କୁହାଯାଉଥିବାବେଳେ ମକର ରାଶିର ପ୍ରାରମ୍ଭରୁ ମିଥୁନ ରାଶି ଶେଷ ପର୍ଯ୍ୟନ୍ତ ଉତ୍ତରାୟଣ କୁହାଯାଇଥାଏ। ସେହିପରି ରବିଙ୍କର ପ୍ରତ୍ୟେକ ରାଶି ପ୍ରବେଶର ପ୍ରଥମ ଦିନକୁ ସଂକ୍ରାନ୍ତି ବୋଲି କୁହାଯାଏ। ତେଣୁ କରି ୧୨ ମାସରେ ୧୨ଟି ସଂକ୍ରାନ୍ତି ପଡ଼ିଥାଏ।

**ସଂକ୍ରାନ୍ତିର ବିଭାଗୀକରଣ:** ସଂକ୍ରାନ୍ତିକୁ ସାଧାରଣତଃ ୩ଟି ଭାଗରେ ବିଭକ୍ତ କରାଯାଇଛି, ଯଥା: ବିଷୁବ ସଂକ୍ରାନ୍ତି, ବିଷ୍ଣୁପଦୀ ସଂକ୍ରାନ୍ତି ଓ ଷଡ଼ଶୀତି ସଂକ୍ରାନ୍ତି। ମେଷ ରାଶିରେ ରବି ପ୍ରବେଶ କଲେ, ତା'ର ପ୍ରଥମ ଦିବସ ମହାବିଷୁବ ସଂକ୍ରାନ୍ତି ବା ପଣା ସଂକ୍ରାନ୍ତି ହୋଇଥାଏ। ସେହିଭଳି ତୁଳା ରାଶିରେ ରବି ପ୍ରବେଶ କଲେ ତା'ର ପ୍ରଥମ ଦିବସକୁ ଜଳ ବିଷୁବ ସଂକ୍ରାନ୍ତି ବା ଗର୍ଭଣା ସଂକ୍ରାନ୍ତି କୁହାଯାଏ। ସେହିପରି ଦକ୍ଷିଣାୟନ କର୍କଟ ସଂକ୍ରାନ୍ତି ଓ ଉତ୍ତରାୟଣ ମକର ସଂକ୍ରାନ୍ତି ଭାବେ ଆଉ ଦୁଇଟି ସଂକ୍ରାନ୍ତି ମଧ୍ୟ ରହିଛି। ତା'ଛଡ଼ା ବୃଷ, ସିଂହ, ବିଛା, କୁମ୍ଭ ଏଇ ଚାରୋଟି ସଂକ୍ରାନ୍ତି ବିଷ୍ଣୁପଦୀ ସଂକ୍ରାନ୍ତି ଭାବେ ଜଣାଯାଉଥିବାବେଳେ ମିଥୁନ, କନ୍ୟା, ଧନୁ, ମୀନ ସଂକ୍ରାନ୍ତିକୁ ଷଡ଼ଶୀତି ସଂକ୍ରାନ୍ତି ବୋଲି କୁହାଯାଇଥାଏ।

ସ୍ମୃତିଶାସ୍ତ୍ର ମତରେ, ସଂକ୍ରାନ୍ତିର ପୂର୍ବାପର ୧୨ ଘଣ୍ଟା ପୁଣ୍ୟକାଳ ରୂପେ ବିବେଚିତ ହୋଇଥାଏ। ସେହିପରି ସଂକ୍ରାନ୍ତିରେ ରବିଙ୍କର ସଂଚାର ନକ୍ଷତ୍ରକୁ ନେଇ ଫଳିତ ଜ୍ୟୋତିଷରେ ଶୁଭାଶୁଭ ଫଳ ନିର୍ଣ୍ଣୟ କରାଯାଇଥାଏ। ମୁହୂର୍ତ୍ତ ଚିନ୍ତାମଣି ଗ୍ରନ୍ଥାନୁସାରେ, ପ୍ରତ୍ୟେକ ସଂକ୍ରାନ୍ତିକୁ ବାରଭେଦରେ ବିଭିନ୍ନ ନାମରେ ନାମିତ କରାଯାଇଛି। ଯଥା: ରାକ୍ଷସୀ, ଧ୍ୱାଂକ୍ଷୀ, ମିଶ୍ରା, ମହୋଦରୀ, ମନ୍ଦାକିନୀ, ମନ୍ଦା, ଘୋରା। ସରଳରେ କହିଲେ, ରବିବାରରେ ସଂକ୍ରାନ୍ତି ପଡ଼ିଲେ ତାହାର ନାମ ଘୋରା ହୁଏ। ସେହିପରି ସୋମବାରରେ ଧ୍ୱାଂକ୍ଷୀ, ମଙ୍ଗଳବାରରେ ମହୋଦରୀ, ବୁଧବାରରେ ମନ୍ଦାକିନୀ, ଗୁରୁବାରରେ ମନ୍ଦା, ଶୁକ୍ରବାରରେ ମିଶ୍ରା, ଶନିବାରରେ ରାକ୍ଷସୀ ହୋଇଥାଏ।


**ସଂକ୍ରାନ୍ତି ଅବସରରେ ବଡ଼ ଦେଉଳରେ ପୂଜାବିଧି:** ବଡ଼ ଦେଉଳ ବା ପୁରୀ ଶ୍ରୀଜଗନ୍ନାଥ ମନ୍ଦିରରେ ନୀତିକାନ୍ତି ତ ଅନେକ ରହିଛି। ତେବେ ସଂକ୍ରାନ୍ତି ଅବସରରେ ଏହି ନୀତିକାନ୍ତିରେ କିଛିଟା ଭିନ୍ନ ଦେଖିବାକୁ ମିଳିଥାଏ। ଯେମିତିକି, ଦେବୀ ମହାଲକ୍ଷ୍ମୀ ପ୍ରତିଦିନ ଷାଠିଏ ପଉଟି ଭୋଗ ରାନ୍ଧି ପ୍ରଭୁ ଶ୍ରୀଜଗନ୍ନାଥ, ବଳଭଦ୍ର ଓ ମାତା ସୁଭଦ୍ରାଙ୍କୁ ପରଷିଥାନ୍ତି। କିନ୍ତୁ ପ୍ରତିବର୍ଷ ଧନୁ ସଂକ୍ରାନ୍ତି ଦିନ ମାତା ଲକ୍ଷ୍ମୀ ତାଙ୍କ ବାପଘରକୁ ଯାଇଥାନ୍ତି ଆଉ ମକର ସଂକ୍ରାନ୍ତିରେ ଶ୍ରୀମନ୍ଦିରକୁ ଫେରିଥାନ୍ତି। ମାତା ଲକ୍ଷ୍ମୀଙ୍କ ଅନୁପସ୍ଥିତିରେ ଏହି ମାସେ କାଳ ଶ୍ରୀଜଗନ୍ନାଥଙ୍କ ମା' ଅନ୍ନ ରାନ୍ଧି ତାଙ୍କୁ ପରଷିଥାନ୍ତି ବୋଲି ଜନଶ୍ରୁତିରେ ଶୁଣିବାକୁ ମିଳିଥାଏ, ଯାହା ପହିଲି ଭୋଗ ନାମରେ ପରିଚିତ। ସେହିପରି ମହାବିଷୁବ ସଂକ୍ରାନ୍ତି ବା ପଣା ସଂକ୍ରାନ୍ତିରେ ଶ୍ରୀମନ୍ଦିରରେ ପଣା ଭୋଗ, ଦକ୍ଷିଣାୟନ କର୍କଟ ସଂକ୍ରାନ୍ତିରେ ବଳି ଭୋଗ ଏବଂ ଉତ୍ତରାୟଣ ମକର ସଂକ୍ରାନ୍ତିରେ ମକର ଚାଉଳ ଭୋଗ ହୋଇଥିବା ସୂଚନା ରହିଛି। ତେବେ ମହାବିଷୁବ ସଂକ୍ରାନ୍ତିରେ ହନୁମାନଙ୍କ ଜୟନ୍ତୀ ପାଳନ କରାଯାଏ। ସେଦିନ ଜଗନ୍ନାଥଙ୍କ ଆଜ୍ଞାମାଳ ହନୁମାନଙ୍କ ପାଖକୁ ଯାଏ ଓ ପୂଜା କରାଯାଏ। ସେହିପରି ଜଳବିଷୁବ ସଂକ୍ରାନ୍ତିକୁ ଗର୍ଭଣା ସଂକ୍ରାନ୍ତି କୁହାଯାଏ। ଏହିଦିନ କୃଷକମାନେ ଖେତରେ ପୂଜା କରିଥାନ୍ତି।





# ଆତ୍ମ ଅନ୍ୱେଷୀ ଲେଖକ


**ଭାରତୀୟ ଦର୍ଶନ ତଥା ଆଧ୍ୟାତ୍ମିକତାକୁ ନେଇ ବହୁ ବିଶ୍ୱସ୍ତରୀୟ ଲେଖକ କାଳଜୟୀ ରଚନା ସୃଷ୍ଟି କରିଛନ୍ତି। ସେମାନଙ୍କ ମଧ୍ୟରୁ ଜଣେ ହେଉଛନ୍ତି ହରମାନ୍ ହେସ। ହରମାନ୍ ହେସଙ୍କ କଥା ଉଠିଲେ ତାଙ୍କର ଉପନ୍ୟାସ 'ସିଦ୍ଧାର୍ଥ' ଆଖି ସାମ୍ନାକୁ ଚାଲିଆସେ। ସିଦ୍ଧାର୍ଥ ଜଣେ ବ୍ୟକ୍ତି। ଗୌତମ ବୁଦ୍ଧଙ୍କ ବାଣୀ ତଥା ଦର୍ଶନ ଯେତେବେଳେ ସମଗ୍ର ବିଶ୍ୱକୁ ଆଧ୍ୟାତ୍ମିକତାର ମନ୍ତ୍ରରେ ଉଦ୍‌ବୁଦ୍ଧ କରୁଥିଲା ଠିକ୍ ସେତିକିବେଳେ ଜନ୍ମ ହୋଇଥିଲେ ସିଦ୍ଧାର୍ଥ..**




ଭାରତୀୟ ଦର୍ଶନ, ଆଧ୍ୟାତ୍ମିକତା ବିଶ୍ୱର ବହୁ ସ୍ରଷ୍ଟାଙ୍କୁ ପ୍ରଭାବିତ କରିଛି। ସେମାନଙ୍କୁ ଆକର୍ଷିତ କରିଛି ତଥା ବାଧ୍ୟ କରିଛି ନିଜ ନିଜର ମନୋଭାବ ପରିବର୍ତ୍ତନ କରିବା ପାଇଁ। ଫଳତଃ ଭାରତୀୟ ଦର୍ଶନ ତଥା ଆଧ୍ୟାତ୍ମିକତାକୁ ନେଇ ବହୁ ବିଶ୍ୱସ୍ତରୀୟ ଲେଖକ କାଳଜୟୀ ରଚନା ସୃଷ୍ଟି କରିଛନ୍ତି। ସେମାନଙ୍କ ମଧ୍ୟରୁ ଜଣେ ହେଉଛନ୍ତି ହରମାନ୍ ହେସ। ହରମାନ୍ ହେସଙ୍କ କଥା ଉଠିଲେ ତାଙ୍କର ଉପନ୍ୟାସ 'ସିଦ୍ଧାର୍ଥ' ଆଖି ସାମ୍ନାକୁ ଚାଲିଆସେ। ସିଦ୍ଧାର୍ଥ ଜଣେ ବ୍ୟକ୍ତି। ଗୌତମ ବୁଦ୍ଧଙ୍କ ବାଣୀ ତଥା ଦର୍ଶନ ଯେତେବେଳେ ସମଗ୍ର ବିଶ୍ୱକୁ ଆଧ୍ୟାତ୍ମିକତାର ମନ୍ତ୍ରରେ ଉଦ୍‌ବୁଦ୍ଧ କରୁଥିଲା ଠିକ୍ ସେତିକିବେଳେ ଜନ୍ମ ହୋଇଥିଲେ ସିଦ୍ଧାର୍ଥ। ବୌଦ୍ଧ ଆଧ୍ୟାତ୍ମିକତାର ବଳୟ ମଧ୍ୟରେ ସେ ନିଜକୁ କେମିତି ଆବିଷ୍କାର କରିଥିଲେ ତାହାକୁ ନେଇ ରଚିତ ଉପନ୍ୟାସଟି ସମଗ୍ର ବିଶ୍ୱରେ ଭାରତୀୟ ଆଧ୍ୟାତ୍ମିକତାର ଜୟଗାନ କରେ।


**ଆତ୍ମ ଅନ୍ୱେଷଣର ରୂପକାର :** ହରମାନ୍ କେବଳ 'ସିଦ୍ଧାର୍ଥ'ର ସଫଳ ସ୍ରଷ୍ଟା ନୁହନ୍ତି। ଅଧିକନ୍ତୁ ତାଙ୍କର ରହିଛି ବହୁ କାଳଜୟୀ କୃତି। ସେଥିମଧ୍ୟରୁ କେତୋଟି ହେଉଛି 'ଇଫ୍ ଦ ୱାର ଗୋଜ୍ ଅନ୍, ଦି ଗ୍ଲାସ୍ ବିଡ୍ ଗେମ୍, ୱାଣ୍ଡରିଂ, ଜର୍ଣ୍ଣି ଟୁ ଦ ଇଷ୍ଟ, ନର୍ସିସସ୍ ଆଣ୍ଡ ଗୋଲ୍ଡ ମଣ୍ଡ' ଏବଂ ଆହୁରି ଅନେକ। ତାଙ୍କର ସମସ୍ତ ରଚନାରେ ଦେଖିବାକୁ ମିଳେ ଆତ୍ମ ଅନ୍ୱେଷଣର ଜିଜ୍ଞାସା। ବିଶ୍ୱ ତାଙ୍କୁ ଜଣେ ଜର୍ମାନ୍-ସ୍ୱିସ୍ କବି ଭାବରେ ସମ୍ମାନ ଦେଉଥିଲେ ମଧ୍ୟ ସେ ଏକାଧାରରେ ଥିଲେ ଜଣେ କବି, ଔପନ୍ୟାସିକ ତଥା ଚିତ୍ରକର। ୧୯୪୬ରେ ଏହି ସ୍ରଷ୍ଟାଙ୍କୁ ମିଳିଥିଲା 'ନୋବେଲ୍ ପୁରସ୍କାର'। ୧୮୭୭, ଜୁଲାଇ ୨ରେ ହରମାନ୍‌ଙ୍କ ଜନ୍ମ। ଜନ୍ମସ୍ଥାନ ଜର୍ମାନୀର ବ୍ଲାକ୍ ଫରେଷ୍ଟ ସହର। ପିଲାଟି ବେଳରୁ ହରମାନ୍ ଖୁବ୍ ବୁଦ୍ଧିମାନ ଥିଲେ। ସେ ଥିଲେ ଆତ୍ମମଗ୍ନ ଓ ମନନଶୀଳ।





**ଜର୍ମାନୀରୁ ସ୍ୱିଜରଲାଣ୍ଡ :** ହରମାନ୍‌ଙ୍କୁ ୪ ବର୍ଷ ହୋଇଥିବାବେଳେ ତାଙ୍କ ପରିବାର ସ୍ୱିଜରଲାଣ୍ଡ ଚାଲିଯାଇଥିଲେ। ସ୍ୱିଜରଲାଣ୍ଡରେ ହିଁ ତାଙ୍କର ପ୍ରାଥମିକ ଶିକ୍ଷା ଆରମ୍ଭ ହୋଇଥିଲା। ୧୮୯୧ରେ ମାଲବ୍ରୋନ୍ ଆବେରେ ସେ ନାମ ଲେଖାଇଲେ। ଏହା ଥିଲା ଏକ ବୋର୍ଡିଂ ସ୍କୁଲ। ଖୁବ୍ ଶୀଘ୍ର ହରମାନ୍ ଏଠାରେ ଲୋକପ୍ରିୟ ତଥା ପ୍ରସିଦ୍ଧ ହୋଇଯାଇଥିଲେ। ସେ ଖୁବ୍ ଭଲ ଅନୁବାଦ କରୁଥିଲେ। ଛାତ୍ରାବସ୍ଥାରୁ ଗ୍ରୀକ୍ କବିତା ଅନୁବାଦ କରି ସମସ୍ତଙ୍କୁ ଚମତ୍କୃତ କରିଦେଇଥିଲେ।

**ବିଦ୍ରୋହର ସ୍ଫୁଲିଙ୍ଗ:** 'ସିଦ୍ଧାର୍ଥ' ଭଳି ଆତ୍ମ ଅନ୍ୱେଷଣକାରୀ ତଥା ବୌଦ୍ଧ ଦର୍ଶନ ସମ୍ବଳିତ ଉପନ୍ୟାସ ରଚନା କରିଥିବା ହରମାନ୍‌ଙ୍କ ମଧ୍ୟରେ ବି ବିଦ୍ରୋହର ସ୍ଫୁଲିଙ୍ଗ ଲୁଚି ରହିଥିଲା। ଏହା ତାଙ୍କର ଅନେକ ସାକ୍ଷାତ୍‌କାରରୁ ଜାଣିବାକୁ ମିଳେ। ଏକ ସାକ୍ଷାତ୍‌କାରରେ ସେ ଏକଥା କହିଥିଲେ ଯେ, ଗୋଟେ ସମୟ ଥିଲା ସେ ସ୍କୁଲ୍ ପରେ ସ୍କୁଲ ବୁଲି ବିଦ୍ରୋହର ନିଆଁ ଜଳାଇଥିଲେ। ପରିସ୍ଥିତି ଏମିତି ହୋଇଥିଲା ଯେ, ସେ ଆତ୍ମହତ୍ୟା କରିବାକୁ ନିଷ୍ପତ୍ତି ନେଇଥିଲେ। ମାତ୍ର ପରିବର୍ତ୍ତିତ ପରିସ୍ଥିତି ତାଙ୍କୁ ସେ ମାନସିକତାରୁ ନିବର୍ତ୍ତାଇଥିଲା।






**ବୁକ୍‌ସପ୍‌ରେ କାମ:** ପାଠପଢ଼ା ଶେଷ କରି ସେ ଏକ ବୁକ୍‌ସପ୍‌ରେ କାମକଲେ। ବୁକ୍‌ସପ୍‌ରେ ସେ ବହି ପ୍ୟାକ୍ କରୁଥିଲେ। ବହି ସବୁର ତାଲିକା ପ୍ରସ୍ତୁତ କରୁଥିଲେ। ବଳକା ସମୟରେ ବହି ପଢୁଥିଲେ। ମୂଳରୁ ବହି ପ୍ରତି ସେ ଥିଲେ ଖୁବ୍ ଦୁର୍ବଳ। ବୁକ୍‌ସପ୍‌ରେ ପଢ଼ିବା ପାଇଁ ତାଙ୍କୁ ଅନେକ ବହି ମିଳିଗଲା। ସେ ମଧ୍ୟ ପ୍ରଚୁର ମାତ୍ରାରେ ବହି ପଢ଼ିଲେ। ଏକ ସାକ୍ଷାତ୍‌କାରରେ ହରମାନ୍ କହିଥିଲେ ଯେ, ତାଙ୍କର ବହି ଥିଲା ବଡ଼ ସାଙ୍ଗ। ସେ ଅନେକ ଧର୍ମ ପୁସ୍ତକ ପଢୁଥିଲେ। ଗ୍ରୀକ୍ ଭାଷାରେ ଲିଖିତ କଥା, କାହାଣୀ, କିମ୍ବଦନ୍ତୀ, ପୁରାଣ ପଢୁଥିଲେ। ପରେ ପରେ ଦର୍ଶନ ଶାସ୍ତ୍ର ପଢ଼ିଲେ। ଫ୍ରେଡେରିକ୍ ନିତ୍‌ସେଙ୍କ ଦର୍ଶନରେ ସେ ଅତିମାତ୍ରାରେ ପ୍ରଭାବିତ ହୋଇଥିଲେ। ଏହି ପଢ଼ିବାର ଅଭ୍ୟାସ ତାଙ୍କୁ ଜଣେ ସୁଲେଖକ କରିଦେଇଥିଲା।



# ସେଓ କିଲୋ ଅଶୀ

– ସ୍ୱର୍ଣ୍ଣଲତା ମହାପାତ୍ର

"ବଣଭାଲୁ କାହାଁକା। ଭଲ ବେପାର କରିବ ଆଉ। ଶଃ...ଏତେ ମାନ୍ଦା। ଏଇଥିପାଇଁ ୟା ଦୋକାନ ଫାଙ୍କା ! ଭୁଲରେ ମଣିଷ ଏଠିକି ପଶିଆସିଲା ସିନା। ବାପରେ ! ଆଉ କେବେ ନୁହେଁ। ତା'ପରେ ବସିକି ମାଛି ଉଡ଼ଉଥିବୁରେ ପୁଅ।"

ଏ ପ୍ରକାର କଥା ଶୁଣି ମୁଁ ବୁଲିପଡ଼ି ପଛକୁ ଚାହିଁଲି। ବାଇକ୍ ଉପରେ ହଟାକଟା ଯୁବକ ଜଣେ। ଗୋଟେ ହାତରେ ହେଲମେଟ୍। ଅନ୍ୟଟି ହ୍ୟାଣ୍ଡଲ୍‌ରେ। ଗୋଟେ ଗୋଡ଼ ତଳକୁ। ଆଉ ଗାଡ଼ି ବି ଷ୍ଟାର୍ଟରେ ଥାଏ।

ମୁଁ ସାଇଡ୍ ଦୋକାନରେ ଛିଡ଼ା ହେଇ ଚା' ପିଉଥିଲି। ମତେ ତ ସ୍ପଷ୍ଟ ଶୁଣାଗଲା ତା'ର ଏପ୍ରକାର ମନ୍ତବ୍ୟ। ଯଦିଓ ସେ ଧୀରେ କହୁଥିଲା, କିନ୍ତୁ ତା' ହାବଭାବରୁ ଜଣାପଡୁଥିଲା ଲୋକଟା ନିହାତି ବିରକ୍ତ ହେଇ ସାରିଲାଣି। ସେ ଦୋକାନୀ ପିଲାଟି କିନ୍ତୁ ଖୁବ୍ ଧୀରସ୍ଥିର ହେଇ କାମ କରୁଥାଏ। ଯେମିତି ସେ କିଛି ଶୁଣିପାରିନି ବା ଶୁଣି ନ ଶୁଣିଲା ପରି ହେଉଛି।

ହାଇସ୍ପିଡରେ ବାଇକ୍‌ରେ ଆସି ରୋଡ ସାଇଡରେ ସଡନ୍ ବ୍ରେକ୍ ମାରିଲା ପରେ ମୁଣ୍ଡରୁ ହେଲମେଟ୍ କାଢ଼ି ରେଟ୍ ପଚାରିଲା।

'ସେଓ କିଲୋ କେତେ ?'

ଫଳ ଦୋକାନରେ ବସିଥିବା ଚଉଦ, ପନ୍ଦର ବର୍ଷର ସୁସ୍ଥ ସବଳ ପିଲାଟା ଉଠିଆସି ଠାରରେ ମାନେ ଆଙ୍ଗୁଠି ଦେଖେଇ ରେଟ୍ ଜଣେଇଦେଲା।

'ଅଶୀ ତ। ସିଧା କହୁନୁ। ଠାରୁଛୁ କ'ଣ ?'

ସେଓ ଓଜନ କରି ବାବୁଙ୍କ ହାତକୁ ବଢ଼େଇ ଦେଲା। ଏତିକି କାମକୁ ତା'କୁ ଦଶ ମିନିଟ୍ ଖଣ୍ଡେ ଲାଗି ନ ଥିବ !

କହିବତ... ଯିଏ ନାହିଁ ସିଏ କହିବ। ଚିଡ଼ିବା ସ୍ୱାଭାବିକ। ଯେତେବେଳେ ତୁମ ଦୋକାନ ଫାଙ୍କା ଓ ବେଶି ଗରାଖ ନାହାନ୍ତି, ତ' ଜଣେ ଗ୍ରାହକ ଆସିଲେ ତତ୍ପରତା ନ ଦେଖେଇ ତମେ ମାନ୍ଦା ହବ। କହିବନି !

ସେ ଯା' ବି ହେଉ, ମତେ ସେ ଲୋକଟା ଉପରେ ବି ଟିକେ ରାଗ ଲଗିଲା। ଏମିତି କ'ଣ କିଏ କାହାକୁ କହେ ! ନିଜେ ଉଠିଆସି ସେଓ ବାଛିଲେ ହବନି ! ବାବୁ ବାଇକ୍‌ରୁ ହଲୁ ନାହାନ୍ତି।

ହସ ହସ ମୁହଁରେ ସେଓ ଓ ବାକି ପଇସା ଫେରେଇଲା।

'ବେ ତୋର କି' ଆଡାମେଣ୍ଟ ! ପାଟିରୁ କଥା ବାହାରୁନି ! ଶୀତ ହେଉଛି କିବେ ? କୁଙ୍କୁରି କାଙ୍କୁରି ହେଉଛୁ। ହଉ ଦେ' କହି, ତା' ହାତରୁ ଏକପ୍ରକାର ଝାମ୍ପିନେଇ ଘାଏଁ କିନା ବାଇକ୍ ଉଡ଼େଇ ଚାଲିଗଲା।

ପରମୁହୂର୍ତ୍ତରେ ପିଲାଟି ଉପରେ ମତେ ବି ଟିକେ ବିରକ୍ତ ଲାଗିଲା। ଲୋକଟି ଏତେ କଥା କହିଗଲା। ଅଥଚ ଇଏ ଏତେ ସହଜ ଓ ପ୍ରତିକ୍ରିୟାହୀନ ଭାବେ ରହିଛି କେମିତି ? ୟା'କୁ କ'ଣ କିଛି ଫରକ ପଡ଼ିଲାନି ! ମୁଁ ଆଶ୍ଚର୍ଯ୍ୟ ହେଇ ଚାହିଁ ରହିଲି। ଚା' ଦୋକାନୀଟି ମୋ'ର ଅନ୍ୟମନସ୍କତା ଲକ୍ଷ୍ୟକରି ତା' ଆଡୁ ମତେ କହିଲା–'ଆଜ୍ଞା, ପିଲାଟା ଜନ୍ମରୁ ମୂକ ଆଉ ବଧିର। କିଏ କ'ଣ ମାଗୁଛି ବୁଝି ବିଚାରି ଦବାକୁ ଟାଇମ୍ ତ' ଲାଗିବ।'

ମୁଁ ଚମକି ପଡ଼ିଲି। ଅନ୍ୟମନସ୍କ ଭାବେ ଛିଡା ହେଇ ଚିନ୍ତା କଲି, ଆମର ଆଖି କାନ ସବୁକିଛି ଠିକ୍‌ଠାକ୍ ଥାଇ ମଧ୍ୟ ଆମେ ଅନ୍ୟକୁ କେତେ ଭୁଲ ବୁଝୁ। ତା' ହାବଭାବ ଦେଖି ତା' ଅସହାୟତାକୁ ଅନୁଭବ କରିପାରୁନା ବା ସେତିକି ସମୟ ଆମ ପାଖେ ନଥାଏ ।

ପ୍ରକୃତରେ ସେମାନେ ମୂର୍ଖ... ବଣଭାଲୁ... ନା ଆମେ !

– ଭୁବନେଶ୍ୱର





## ବାଗ୍‌ଦତ୍ତା

– ଶୁଭ୍ରାଂଶୁ ଶେଖର ମାହନ୍ତ

ବାଗ୍‌ଦତ୍ତା ସାଜି
ଆସିବ ଅଗୋଚରେ
ଅଦୃଶ୍ୟ ଅଭିସାରେ,
ଆଞ୍ଜୁଳାଏ ପ୍ରୀତିଭାରେ
ପୁଲକ ଭରିଦବ
ମୋ' ତନୁମନରେ ॥

ଆଖିରେ ଆଖିଏ ସ୍ୱପ୍ନ
ଦେହ ବଗିଚାରେ
ଯୌବନର ନିଆଁ,
ଅଭିମାନିନୀ ତମେ
ଆସିବ ସନ୍ତର୍ପଣେ
ନେଇ ପୀରତି ଛୁଆଁ ॥

ମନରେ ଶିକୁଳି ଦେଇ
ପ୍ରତୀକ୍ଷାରେ ମୁଁ
ତବ ଆଗମନେ,
ଚନ୍ଦନ ବନର ବାସ୍ନା
ମହକେ, ବିମୋହିତ
ମଳୟ ସମୀରଣେ ॥

*– ସାଳନ୍ଦୀ ବାଇପାସ୍, ଭଦ୍ରକ*

## ଓହୋ ଶୀତ !

–ଡ. ଭବାନୀ ଶଙ୍କର ଦାଶ

ଶୀତ ସକାଳଟା
ଗର୍ଭିଣୀ ଗାଈଟେ
ପ୍ରସବ ଯନ୍ତ୍ରଣା ସହେ
ସୂରୁଯ ଦିଶିବାଯାଏ।

ଖରାକୁ କୁହୁଡ଼ି
ବାଟ ଓଗାଳଇ
ଅଳପ ସମୟ ପାଇଁ
ଭୁଆସୁଣୀ ବୋହୂ
ଓଢ଼ଣା ପକାଇ
ସଞ୍ଜ ଆସେ ନଇଁ ନଇଁ।

ଶୀତୁଆ ରାତିଟା
ଭାରି କଷ୍ଟଦିଏ
ସଞ୍ଜ ନଇଁ ଗଲା ପରେ
ସିଏ ଫେରିବାର ଆଶା ଆଉ ନାହିଁ
ତଥାପି ମୁଁ ତାକୁ ଝୁରେ
ଚାହିଁ ଚାହିଁ ରାତି ସରେ।

କାକର ବୁନ୍ଦାରେ
ଯେତେ କଥା ଲେଖା
ଲୁହ ଟୋପାକରେ ନାହିଁ
ପତ୍ରଙ୍କ ଅଗରୁ ଝରିପଡ଼େ ଲୁହ
କାନ୍ଦୁନାହିଁ କହି କହି।

*– ଅଧ୍ୟାପକ, ଶିଶୁ ଅନନ୍ତ
ମହାବିଦ୍ୟାଳୟ
ବାଲିପାଟଣା, ଖୋର୍ଦ୍ଧା*



# ଅବୁଝା କ୍ୟାଟ୍ରିନା

**କ୍ୟା**ଟ୍ରିନାଙ୍କୁ ଯେତେ ବୁଝାଇଲେ କ'ଣ ହେବ, ସେ କାହା କଥା ଶୁଣିବାକୁ ସତେ ଯେମିତି ତୟାର ନ ଥିଲେ। ଯାହା ବୁଝିଥିଲେ ତାହାକୁ କୌଣସି ପ୍ରକାରେ ବଦଳାଇବାକୁ ଚାହୁଁ ନ ଥିଲେ। ତେଣୁ ବିଳମ୍ବ ନ କରି ଅଫରଟିକୁ ରେଡ୍ ସିଗ୍‌ନାଲ ଦେଖାଇଥିଲେ। ନିକଟରେ ରେମୋ ଡି'ସୁଜା ତାଙ୍କର ଆଗାମୀ ଫିଲ୍ମ 'ଏବିସିଡି-୩'ର ଫିମେଲ ଲିଡ୍‌ରେ ଅଭିନୟ କରିବା ପାଇଁ କ୍ୟାଟ୍ରିନା କୈଫଙ୍କୁ ଅଫର ଦେଇଥିଲେ। କାହାଣୀ ଏବଂ ନିଜ ଭୂମିକା ବିଷୟରେ ଅବଗତ ହେବା ପରେ ସେ ଏଥିରେ ଅଭିନୟ କରିବାକୁ ରାଜି ହୋଇଥିଲେ। ହେଲେ ୨-୩ ଦିନ ପରେ କ'ଣ ହେଲା କେଜାଣି ନିଜ ପଟରୁ 'ଏଥିରେ ଅଭିନୟ କରିବି ନାହିଁ' ବୋଲି କହି ମନା କରିଦେଇଥିଲେ। ହେଲେ ଏପରି କହିବା ପଛରେ କାରଣ କ'ଣ ତାହା ଜଣାଇ ନ ଥିଲେ। ଶୁଣିବାକୁ ମିଳୁଛି, ଏଭଳି 'ନାହିଁ' ପଛରେ କାହାଣୀ କି ଭୂମିକା ଦାୟୀ ନ ଥିଲା। ଏହି ଭୂମିକା ପାଇଁ କ୍ୟାଟ୍ରିନା ଡେଟ୍ ଚେଞ୍ଜ୍ କରିବାକୁ ପ୍ରଯୋଜକଙ୍କୁ କହିଥିଲେ। କାରଣ ସେପଟେ ସଲ୍‌ମାନ ଅଭିନୀତ 'ଭାରତ'ର ଶୁଟିଂ ସିଡ୍ୟୁଲ ପୁଣି ଥରେ ବଢ଼ାଯାଇଥିବାରୁ କ୍ୟାଟ୍ରିନାଙ୍କ ଡେଟ୍ ସିଡ୍ୟୁଲ ଏପଟସେପଟ ହୋଇଯାଇଛି। ତେଣୁ ସେ ଏଥିରେ ଅଭିନୟ କରିପାରିବେ ନାହିଁ ବୋଲି ମନା କରିଦେଇଥିଲେ। 'ଏବିସିଡି-୩'ର ନାୟକ ଭାବରେ ବରୁଣ ଧାୱନଙ୍କୁ ଦେଖିବାକୁ ମିଳିବ। ଏବେ ଏହି ଫିଲ୍ମ ପାଇଁ କ୍ୟାଟ୍ରିନାଙ୍କ ସ୍ଥାନରେ ଶ୍ରଦ୍ଧା କପୁରଙ୍କୁ ସାଇନ୍ କରାଇବାକୁ ଯୋଜନା ଚାଲିଛି।



# ସୁପର ବୟ ଜ୍ୟୋତି

**ଅ**ଭିନେତା ଜ୍ୟୋତି ନାୟକଙ୍କ ଖୁସି କହିଲେ ନ ସରେ। କାରଣ ସେ ଖୁବ୍‌ଶୀଘ୍ର ସୁପର ବୟ ରୂପରେ ଅବତୀର୍ଣ୍ଣ ହେବେ। ଏପରି ସୁଯୋଗ ପାଇବା ପରେ ତାଙ୍କର ଗୋଡ଼ ଆଉ ତଳେ ଲାଗୁନି। ସାଇ ଏଣ୍ଟରଟେନମେଣ୍ଟ ନାମକ ବ୍ୟାନରରେ ପ୍ରସ୍ତୁତ ହେବାକୁ ଯାଉଛି ଓଡ଼ିଆ ସିନେମା 'ସୁପର ବୟ'। କାହାଣୀ ଅନୁସାରେ ଜଣେ ସାଧାରଣ ଯୁବକ ଶରୀରରେ ଏପରି ଶକ୍ତି ପ୍ରବେଶ କରୁଛି, ଯଦ୍ୱାରା ସେ କେତେକ ଅଲୌକିକ କାମ କରିପାରୁଛି। ଏହା ଭିତରେ ସେ ଜଣେ ସୁନ୍ଦରୀ ପ୍ରେମରେ ପଡିଯାଉଛି। ତେବେ ଏପରି କାହାଣୀର ଶେଷ କିପରି ହେଉଛି ତାହା ଉକ୍ତ ଚଳଚ୍ଚିତ୍ରରେ ଦେଖିବାକୁ ମିଳିବ। ଏହି ଫିଲ୍ମର ପ୍ରଯୋଜନା ସହ ନିର୍ଦ୍ଦେଶନା ଦାୟିତ୍ୱ ତୁଲାଉଛନ୍ତି କେ ଅନୀଷ। ଚିତ୍ରରେ ସଂଯୋଜିତ ହେବାକୁ ଥିବା ଗୀତଗୁଡିକୁ ସ୍ୱର ଦେଉଛନ୍ତି ବୈଦ୍ୟନାଥ ଦାଶ। ଏଥିରେ ଜ୍ୟୋତିଙ୍କ ଅପୋଜିଟ୍‌ରେ କିଏ ନାୟିକା ଭୂମିକାରେ ଅଭିନୟ କରିବ, ସେ ନେଇ ଚୟନ ପ୍ରକ୍ରିୟା ଜାରି ରହିଛି। ଅପରପକ୍ଷରେ ଶୁଭାଶିଷ ଶର୍ମା (ମଣ୍ଟୁ) ଏଥିରେ ନେଗେଟିଭ ଭୂମିକାରେ ଅଭିନୟ କରିବେ। ତେବେ ରବୀନ୍ଦ୍ର ପଣ୍ଡାଙ୍କ ତତ୍ତ୍ୱାବଧାନରେ ଏହି ଫିଲ୍ମର ଶୁଟିଂ ଚଳିତବର୍ଷ ଫେବୃୟାରୀ ଦ୍ୱିତୀୟ ସପ୍ତାହରୁ ଆରମ୍ଭ ହେବାର ଯୋଜନା ରହିଛି ବୋଲି ପ୍ରଯୋଜନା ସଂସ୍ଥା ପକ୍ଷରୁ ସୂଚନା ଦିଆଯାଇଛି।

# ନିର୍ଦ୍ଦେଶନା ପାଇଁ ଟେନ୍‌ସନ

**ପ**ରଲୋକଗତା ଅଭିନେତ୍ରୀ ଶ୍ରୀଦେବୀଙ୍କୁ ନେଇ ଏକ ବାୟୋପିକ୍ ନିର୍ମାଣ କରିବାକୁ ତାଙ୍କ ପତି ବୋନି କପୁର ଅଣ୍ଟା ଭିଡିଛନ୍ତି। ଏ ନେଇ ପ୍ରାରମ୍ଭିକ କାମ ଆରମ୍ଭ ହୋଇଯାଇଛି। ହେଲେ ଏହାକୁ ନେଇ ବୋନିଙ୍କ ଟେନ୍‌ସନ ବଢ଼ିବାରେ ଲାଗିଛି। ତାହାର କାରଣ କ'ଣ ଜାଣନ୍ତି? ଏହି ବାୟୋପିକ୍‌ର ନିର୍ଦ୍ଦେଶନା କିଏ ଦେବ? ଏହାକୁ ନେଇ ୩-୪ଜଣଙ୍କ ନାମ ବିଚାରାଧୀନ ଥିଲେ ମଧ୍ୟ ସେମାନଙ୍କ ମଧ୍ୟରୁ କାହାକୁ ସିଲେକ୍ସନ କରିବେ ସେ ନେଇ ଅଡୁଆରେ ପଡିଯାଇଛନ୍ତି ପ୍ରଯୋଜକ। କାରଣ ନିର୍ଦ୍ଦେଶନାରେ ଯଦି କିଛି ଏପଟସେପଟ ହୋଇଯାଏ, ତେବେ ସବୁ ପରିଶ୍ରମ ବେକାର ହୋଇଯିବ। ଶୁଣିବାକୁ ମିଳୁଛି, ଏହାର ନିର୍ଦ୍ଦେଶନା ଭାର ନିଜେ ବୋନି ନେବାକୁ ଚିନ୍ତା କରୁଛନ୍ତି। ଦେଖାଯାଉ, କେଉଁ ପାଣି କୁଆଡ଼କୁ ଯାଉଛି।


ଶ୍ରୀଦେବୀ

# ଲୁଚାଉଛନ୍ତି ନିଧି

**ନି**ଧି ଅଗ୍ରୱାଲଙ୍କୁ ନେଇ ଏବେ ଚର୍ଚ୍ଚା। କଥାଟିକୁ ଯେତେ ଲୁଚାଇବାକୁ ଚେଷ୍ଟା କଲେ କ'ଣ ହେବ, ତାହା ବନ୍ଦ ହେଉନାହିଁ। ତାହା କ'ଣ ଜାଣନ୍ତି? ନିଧି କୁଆଡ଼େ ଏବେ ପ୍ରେମରେ ପଡ଼ିଯାଇଛନ୍ତି। ପୁଣି କାହା ସହ ଜାଣିଲେ ସେ ବିଷୟରେ ଅଧିକ ଜାଣିବାକୁ ଆପଣଙ୍କର ଉତ୍ସୁକତା ବଢ଼ିଯିବ। ସେ ହେଲେ ଭାରତୀୟ କ୍ରିକେଟ୍ ଦଳର ଖେଳାଳି ଲୋକେଶ ରାହୁଲ। ଦୁହିଁଙ୍କ ଭିତରେ ଫୁଲ୍ ଦମ୍‌ରେ ପ୍ରେମ ଚାଲିଛି ବୋଲି ଆଲୋଚନା ହେଉଛି। ଏହାକୁ ନେଇ ବେଶ୍ କିଛି ଦିନ ନୀରବ ରହିବା ପରେ ଶେଷରେ ନିଧି ମୁହଁ ଖୋଲିଛନ୍ତି। ସେ କହନ୍ତି, 'ଆମ ଭିତରେ ପ୍ରେମ ନୁହେଁ ବନ୍ଧୁତା ରହିଛି। ଆମକୁ ବଦନାମ କରିବାକୁ କେହି ଏଭଳି ମିଛ କଥା ପ୍ରଚାର କରୁଛି। ମୁଁ ଲୋକେଶଙ୍କର ଜଣେ ବଡ଼ ପ୍ରଶଂସକ। ଆମ ଭିତରେ ବନ୍ଧୁତା ରହିଛି। ତାକୁ ଯଦି କେହି ପ୍ରେମ ବୋଲି କହେ, ତେବେ ମୋର କିଛି କହିବାର ନାହିଁ କି ତାକୁ ନେଇ ଟେନ୍‌ସନ ହେବାର ନାହିଁ।' ତେବେ ଏଭଳି କଥା କେତେ ସତ କେତେ ମିଛ, ତାହା ଜାଣିବାକୁ ନିଶ୍ଚୟ ଅପେକ୍ଷା କରିବାକୁ ପଡ଼ିବ।


ନିଧି

# ପତ୍ନୀ ହେବ ଏମିତି

**ଯା**ହା କୁହନ୍ତୁ ନା କାହିଁକି ଦୀପିକାଙ୍କ ଆଇଡିଆକୁ ମାନିବାକୁ ପଡ଼ିବ। କେତେବେଳେ କେମିତିକା ଗୁଳି ମାରିଲେ କେବଳ ତାଙ୍କୁ ନୁହେଁ, ତାଙ୍କ ସ୍ୱାମୀ ରଣବୀର ସିଂଙ୍କୁ ଆଲୋଚନାର ଶିରୋନାମର କେନ୍ଦ୍ରବିନ୍ଦୁ ସଜାଇବ ତାହାର କାଇଦା ତାଙ୍କୁ ଜଣା। ନିକଟରେ ଦୀପ୍-ବୀର ଯୋଡ଼ିକୁ ବଲିଉଡ୍‌ର ସବୁଠାରୁ କ୍ୟୁଟ୍ କପଲ୍ ଭାବରେ ଅଭିହିତ କରାଯାଇଛି। ବାସ୍, ଏହାପରେ ଦୀପିକା ପାଦୁକୋନ୍‌ଙ୍କ ମନ ଖାଲି ଆକାଶରେ ଉଡୁଛି। କେବଳ ସେତିକି ନୁହେଁ, 'ସିମ୍ବା' ରିଲିଜ ହେବା ପରେ ସେ ରଣବୀରଙ୍କୁ ପ୍ରଶଂସାରେ ପୋତି ପକାଇଛନ୍ତି। ଏ ବିଷୟରେ ଦୀପିକା କହନ୍ତି, 'ଏହି ଫିଲ୍ମରେ ରଣବୀରଙ୍କର ଆକ୍ଟିଂ ମୋତେ ଅଧିକ ପ୍ରଭାବିତ କରିଛି। ଯେ କୌଣସି ଭୂମିକା ହେଉ ସେ ତାହାକୁ ବେଶ୍ ସିରିୟସ୍ ଭାବରେ ନେଇଥାଆନ୍ତି। ମୋ ସହ ତାଙ୍କର ଯୋଡି କେତେ ହିଟ୍ ହୋଇଥାଏ, ତାହାର ପ୍ରମାଣ ମୁଁ ନୁହେଁ ଦର୍ଶକ ହିଁ ଦେବେ।' କେବଳ ସେତିକି ନୁହେଁ, ରଣବୀରଙ୍କୁ ନେଇ ସେ ନିଜ ସୋସିଆଲ ମିଡିଆରେ ଲେଖିଛନ୍ତି ଯେ, 'ଆଇ ଲଭ୍ ୟୁ ଆଣ୍ଡ ଆଇ ଆମ ସୋ ପ୍ରାଉଡ୍ ଅଫ ୟୁ।'


ରଣବୀର-ଦୀପିକା

# ଚୁଜି ହେଲେଣି ସାନା

**ସୁ**ପରହିଟ୍ ଫିଲ୍ମ 'ଦଙ୍ଗଲ୍'ର ନାୟିକା ଭାବରେ ଦେଖିବାକୁ ମିଳିଥିଲା ଫାତିମା ସାନା ଶେଖ୍‌ଙ୍କୁ। ଏହାପୂର୍ବରୁ ସେ 'ଚାଚି -୪୨୦'ରେ ଶିଶୁ କଳାକାର ଭାବରେ ଅଭିନୟ କରିଥିଲେ। 'ଦଙ୍ଗଲ୍' ଫିଲ୍ମର ସଫଳତା ତାଙ୍କୁ ରାତାରାତି ନାୟିକା ଦୌଡରେ ସାମିଲ କରିଦେଇଥିଲା। ଗତବର୍ଷ ଶେଷ ଭାଗରେ ରିଲିଜ୍ ହୋଇଥିବା 'ଥଗସ ଅଫ ହିନ୍ଦୋସ୍ତାନ'ରେ ମଧ୍ୟ ସାନା ଅଭିନୟ କରିଥିଲେ। ଏବେ ତାଙ୍କୁ ନାୟିକା ଭାବରେ ସାଇନ୍ କରାଇବାକୁ ପ୍ରଯୋଜକଙ୍କର ଲମ୍ବା ଲାଇନ୍। ହେଲେ ସେପଟେ ସାନା ନିଜ ପ୍ଲାନିଂରେ ଅଟଳ। କୌଣସି ଫିଲ୍ମ ସାଇନ୍ କରିବା ପୂର୍ବରୁ ସେ ଆଦୌ ତରତର ହେବେ ନାହିଁ। ଏ ସମ୍ପର୍କରେ ସାନା କହନ୍ତି, 'ଏବେ ମୋତେ କେତୋଟି ଅଫର ମିଳିଛି-ଏକଥା ସତ, ହେଲେ ସେହି ଫିଲ୍ମଗୁଡିକରେ ଯେ ମୁଁ ଅଭିନୟ କରିବି ତାହା ଭାବିବା ଭୁଲ। ଫିଲ୍ମଟିର ସବୁକଥାକୁ ଭଲ ଭାବରେ ତର୍ଜମା କରି ହୃଦୟଙ୍ଗମ କରିବା ପରେ ହିଁ ସାଇନ୍ କରିବି। ତରତର ହୋଇ ଗୁଡିଏ ଫିଲ୍ମରେ ଅଭିନୟ କରିବା ଅପେକ୍ଷା ବର୍ଷକୁ ଗୋଟିଏ ଫିଲ୍ମରେ ଅଭିନୟ କଲେ କ୍ଷତି କ'ଣ ବୋଲି ମୋତେ ଥରେ ମୋର ରୋଲ୍ ମଡେଲ ଆମୀର ଖାଁ କହିଥିଲେ। ତାହାକୁ ମୁଁ ନିଶ୍ଚୟ ଫଲୋ କରିବି।' ନିକଟରେ ଅନୁରାଗ ବସୁଙ୍କ 'ଲାଇଫ ଇନ୍ ମେଟ୍ରୋ'ର ସିକୁଏଲ୍‌ରେ ସାନା ଅଭିନୟ କରିବାକୁ ସମ୍ମତି ଜଣାଇଛନ୍ତି।


ଫାତିମା ସାନା ଶେଖ୍

ପ୍ରଥମ ରୋଜଗାର

# ପ୍ରଥମ ଦରମା ବାପାଙ୍କୁ ଦେଇଥିଲି



ସ୍ୱେଚ୍ଛାସେବୀ ତଥା ଲେଖକ **ରଙ୍ଗନାଥ ସେଠୀ** ନିଜ ପ୍ରଥମ ରୋଜଗାର ସମ୍ପର୍କରେ ଯାହା କୁହନ୍ତି...

ବାଣପୁର ବ୍ଲକର ଗୋବିନ୍ଦପୁର ଗାଁରେ ମୋ ଜନ୍ମ। ଗୋଦାବରୀଶ ବିଦ୍ୟାପୀଠରୁ ୧୯୬୨ରେ ଦଶମ ପାସ୍ କରିବା ପରେ ଆଉ ପଢ଼ିଲି ନାହିଁ। ବର୍ଷେ ଦୁଇ ବର୍ଷ ଏମିତି ବିତିବା ପରେ ଓଡ଼ିଶା ସରକାରଙ୍କର ସ୍ୱାସ୍ଥ୍ୟ ବିଭାଗ ତରଫରୁ ମୋତେ ମ୍ୟାଲେରିଆ ୱାର୍କର ଭାବେ ନିଯୁକ୍ତି ମିଳିଲା। ୭୦ ଟଙ୍କା ବେତନରେ ଚାକିରିରେ ଯୋଗ ଦେଲି। ଖୋର୍ଦ୍ଧା ଟାଉନ୍‌ରେ ପୋଷ୍ଟିଂ ହୋଇଥିବାରୁ ଘର ଛାଡ଼ି ମେସ୍‌ରେ ରହିଲି। ମୋର ଏବେ ବି ମନେ ଅଛି, ପ୍ରଥମ ମାସ ଦରମାରେ ମୋତେ ୭ଟି ନୂଆ ୧୦ ଟଙ୍କିଆ ନୋଟ୍ ମିଳିଥିଲା। ଆଉ ସେହି ଟଙ୍କାକୁ ମୁଁ ସେଦିନ ବାରମ୍ବାର ମୁଣ୍ଡରେ ଲଗାଇଥିଲି। ପରେ ସେଥିରୁ ୩୦ ଟଙ୍କା ମେସ୍ ଚାର୍ଜ ଦେଇ ବାକି ୪୦ ଟଙ୍କା ବାପାଙ୍କୁ ନେଇ ଦେଇଥିଲି। ଦୁଇ ବର୍ଷ ଏଠାରେ କାମ କରିବା ପରେ ପ୍ରମୋଶନ୍ ହେଲା ଆଉ ମୁଁ ମ୍ୟାଲେରିଆ ଇନ୍‌ସପେକ୍ଟର ଭାବେ ରାମଗିରିରେ ଯାଇ ଯୋଗଦେଲି। ୫ ବର୍ଷ ପରେ ରଣପୁରର ଗୋପାଳପୁରକୁ ପୁଣି ବଦଳି ହେଲା। ଏଠାରେ କିଛିଦିନ ମ୍ୟାଲେରିଆ ଇନ୍‌ସପେକ୍ଟର ଭାବେ କାମ କରିବା ଭିତରେ ମ୍ୟାଲେରିଆ ବିଭାଗକୁ ପ୍ରାଥମିକ ଚିକିତ୍ସା କେନ୍ଦ୍ର ସହ ସାମିଲ କରି ଦିଆଗଲା। ଏହାର କିଛିଦିନ ପରେ ସରକାରଙ୍କ ନିଷ୍ପତ୍ତି କ୍ରମେ ମ୍ୟାଲେରିଆ ଇନ୍‌ସପେକ୍ଟରମାନଙ୍କୁ ମଲ୍ଟି ପର୍ପୋଜ୍ ହେଲ୍‌ଥ ସୁପରଭାଇଜର ପାହ୍ୟା ମିଳିଲା। ଏହିପରି ଭାବେ ଗୋପାଳପୁରରେ ପ୍ରାୟ ୧୧ ବର୍ଷ କାମ କରିବା ପରେ ବାଲୁଗାଁକୁ ବଦଳି ହୋଇଯାଇ ସେଠାରେ ୯ ବର୍ଷ କାମ କଲି। ଏହାପରେ ଆହୁରି କେତେକ ସ୍ଥାନକୁ ବି ମୋର ବଦଳି ହୋଇଥିଲା। ଆଉ ଶେଷରେ ଖଲ୍ଲିକୋଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରୁ ୨୦୦୪ରେ ଚାକିରିରୁ ଅବସର ନେଇଥିଲି। ତା'ପରେ କଲ୍ୟାଣ ହେଲ୍‌ଥ ଅର୍ଗାନାଇଜେଶନ୍ ନାମରେ ଏକ ସ୍ୱେଚ୍ଛାସେବୀ ସଙ୍ଗଠନ ଗଢ଼ି ବିଭିନ୍ନ ପଞ୍ଚାୟତରେ ସଭା ମାଧ୍ୟମରେ ଅନେକ ସଚେତନତା କାର୍ଯ୍ୟକ୍ରମ (ବିଶେଷ କରି ସ୍ୱାସ୍ଥ୍ୟଭିତ୍ତିକ) କଲି। ଏହା ସଫଳତାର ରୂପ ନେବାରୁ ପରେ ସରକାରଙ୍କ ତରଫରୁ ମଧ୍ୟ ଏହି ସଙ୍ଗଠନକୁ ଆର୍ଥିକ ସହାୟତା ମିଳିଲା। ଆଉ ଖୋର୍ଦ୍ଧା ଜିଲ୍ଲାର ପ୍ରତି ପଞ୍ଚାୟତରେ ଏଭଳି ସଚେତନତା କାର୍ଯ୍ୟ କରିବା ପାଇଁ ଅନୁମତି ଦିଆଗଲା। କ୍ରମେ ସରକାରଙ୍କ ତରଫରୁ ହେଉଥିବା ବିଭିନ୍ନ ଯୋଜନାକୁ ଉକ୍ତ ପଞ୍ଚାୟତଗୁଡ଼ିକରେ ସୁଚାରୁରୂପେ କାର୍ଯ୍ୟକାରୀ କରିବାର ଦାୟିତ୍ୱ ବି ମିଳିଲା, ଯେଉଁ କାର୍ଯ୍ୟ ମୋର ଏବେ ବି ଚାଲିଛି। ଏହାବାଦ୍ ଗପ, କବିତା ତଥା ସମାଜରେ ଘଟିଚାଲିଥିବା କିଛି ରୋଚକ ଘଟଣାବଳୀକୁ ନେଇ ମୁଁ ଅନେକ ଲେଖା ଲେଖିଛି। ଯା ଭିତରେ ମୋର ୪ଟି ପୁସ୍ତକ ପ୍ରକାଶ ପାଇସାରିଲାଣି। ଯଥା ଖାଦ୍ୟ ଅପମିଶ୍ରଣ ଓ ଆଇନ, ଭୂସମ୍ପତ୍ତିର ଅଧିକାର, ଫୌଜଦାରି ଦଣ୍ଡବିଧି ଓ ପୋଲିସ କ୍ଷମତା ଏବଂ ନାବାଳିକାଙ୍କ ଅଧିକାର। ଏହିସବୁ ଲେଖାପାଇଁ ସରକାରଙ୍କ ଲ' ଆଣ୍ଡ୍ ଜଷ୍ଟିସ୍ ଡିପାର୍ଟମେଣ୍ଟ ତରଫରୁ ମୋତେ ଅନୁଦାନ ବି ମିଳିସାରିଛି। ତା' ଛଡ଼ା ଆକାଶବାଣୀର ଯୁବବାଣୀ ବିଭାଗରେ ମୁଁ ଅନେକ ଥର କବିତା ମଧ୍ୟ ଆବୃତ୍ତି କରିସାରିଛି। ଆଉ ଏବେ ବିଭିନ୍ନ ରାଜ୍ୟସ୍ତରୀୟ ସାହିତ୍ୟ ସଭାରେ କବିତା ଆବୃତ୍ତି କରିବା କାର୍ଯ୍ୟକ୍ରମ ମୋର ଜାରି ରହିଛି। ସେହିପରି ମାନବିକତାର କଥା କୁହେ 'ବାପା' ନାମକ ଏକ କ୍ଷୁଦ୍ର ନାଟକର ମୁଁ ହେଉଛି ଲେଖକ, ସଂଯୋଜକ, ଗୀତିକାର ଏବଂ କଣ୍ଠଶିଳ୍ପୀ। ଏହି ନାଟକଟି ନିମାଇଁ ମଲ୍ଲ ବୋଲି ଏକ ଗାଁରେ ପରିବେଷଣ ହେବା ପରେ ସେଠାରୁ ୫୦୦ ଟଙ୍କା ପୁରସ୍କାର ପାଇଥିଲି, ଯାହା ମୋ ପାଇଁ ବଡ଼ ଖୁସିର କଥା। ଏସବୁ ବ୍ୟତୀତ 'ଓଡ଼ିଆ ଭାଷା ସୁରକ୍ଷା ସମ୍ମିଳନୀ' ଚିଲିକାରେ ଏବେ ମୁଁ ସଭାପତି ମଧ୍ୟ ଅଛି।

# ଆଖିରେ ଆଖିରେ ଇସାରା କରି, ଅଥୟ ମନକୁ କରିଛି ଚୋରି

**ପ୍ରଶ୍ନ**–ପ୍ରେମ କରିବାକୁ ମୋ ମନ ଭାରି ଅଥୟ ହେଲାଣି। ଥରେ ଜଣେ ସୁନ୍ଦରୀ ତାହାର ଆଖି ଇସାରାରେ ମୋତେ ଫସାଇ ଦେଇଛି। ସେ ମୋତେ ପ୍ରେମ କରୁଛି ତ ?

*–ଜତୀନ ସାହୁ, ଅନୁଗୋଳ*

**ଉତ୍ତର:** ଆପଣଙ୍କ ପ୍ରଶ୍ନର ଉତ୍ତର ସେହି ସୁନ୍ଦରୀର ଆଖି ଇସାରାରେ ହିଁ ରହିଛି। 'ଆଖିରେ ଆଖିରେ ଇସାରା କରି, ଅଥୟ ମନକୁ କରିଛି ଚୋରି।' ଯଦି ଆପଣ ଭାବୁଛନ୍ତି ଯେ ସେହି ଇସାରାରେ ଆପଣଙ୍କ ମନ ଚୋରି ହୋଇଯାଇଛି ତେବେ ଡେରି କରି କ'ଣ ଫାଇଦା କହିଲେ ? ଶୁଭସ୍ୟ ଶୀଘ୍ରମ୍। ବିଳମ୍ବ ନ କରି ପ୍ରେମ ମଇଦାନକୁ ଓହ୍ଲାଇ ପଡ଼ନ୍ତୁ।

**ପ୍ରଶ୍ନ**–ମୁଁ କାହାକୁ ଅଧିକ ବିଶ୍ୱାସ କରିବି ? ମୋ ସ୍ତ୍ରୀର ପ୍ରେମକୁ ନା ପ୍ରେମିକାର ପ୍ରେମକୁ। ମ୍ୟାରେଜ ପରେ ପ୍ରେମିକାକୁ ମନରୁ କିଛି ମାସ ପାଇଁ ଦୂରେଇ ଦେଇଥିଲି। ହେଲେ ଏବେ ସେ ମୋତେ ପୁଣି ପ୍ରେମ ଥୋପ ପକାଇବା ଆରମ୍ଭ କରିଛି। କ'ଣ କରିବି ?

*–ନିତେଶ ପ୍ରହରାଜ, ସୁନାବେଡ଼ା*

**ଉତ୍ତର:** ଜାଣିଶୁଣି ନିଜ ଗୋଡ଼ରେ କୁରାଢ଼ି ମାରନ୍ତୁନି। ଗୋଟିଏ ପଟେ ଆପଣଙ୍କ ସଂସାର ଏବଂ ଅନ୍ୟପଟେ ପ୍ରେମିକାର ପ୍ରେମ। ଯଦି ପ୍ରେମ ନିଶାରେ ବିଭୋର ହୋଇ ପୁଣି ପ୍ରେମିକା ପଟକୁ ଢଳି ପଡ଼ନ୍ତି ତେବେ ପରିସ୍ଥିତି କ'ଣ ହେବ ଥରେ ଅନୁମାନ କରନ୍ତୁ। ଚାହୁଁ ଚାହୁଁ ଆପଣଙ୍କ ସୁନାର ସଂସାରରେ ଏପରି ଝଡ଼ ଆସିବ ଯାହାକୁ ସାମ୍ନା କରିବାକୁ ଆପଣଙ୍କ ପାଖରେ ଶକ୍ତି ନ ଥିବ। ଆଉ ଆଖି ସାମ୍ନାରେ ଆପଣଙ୍କର ବୈବାହିକ ଜୀବନ ଧ୍ୱସ୍ତବିଧ୍ୱସ୍ତ ହୋଇଯିବ। ଏଥର ନିଷ୍ପତ୍ତି ନିଅନ୍ତୁ କାହାକୁ ଅଧିକ ବିଶ୍ୱାସ କରିବେ ? ପ୍ରେମିକା ପ୍ରେମ ଦିନିକିଆ ହେଲେ ସ୍ତ୍ରୀ ପ୍ରେମ ସବୁଦିନିଆ। ତେଣୁ ଆପଣ କୁଆଡ଼େ ବଲ ଖେଳିବେ ନିଜେ ନିଷ୍ପତ୍ତି ନିଅନ୍ତୁ।

**ପ୍ରଶ୍ନ**–ପ୍ରେମର ପ୍ରଥମ ପର୍ବରେ ଝିଅମାନେ ଲାଜ କରନ୍ତି କାହିଁକି ?

*–ତନ୍ମୟ ଦାସ, ରେଢ଼ାଖୋଲ, ସମ୍ବଲପୁର*

**ଉତ୍ତର:** ଲାଜ ହେଉଛି ଝିଅଙ୍କର ଗହଣା। ସେହି ଲାଜ ଲାଜ ହସ, ଚାହାଣୀରେ ପ୍ରେମର ସୃଷ୍ଟି। ତେଣୁ ତାକୁ ଯଦି ଠିକ୍ ଭାବରେ ପଢ଼ି ନ ପାରିଲେ ତେବେ ଅନ୍ୟକୁ ଦୋଷ ଦେଇ କିଛି ଲାଭ ନାହିଁ। ଝିଅଙ୍କର ଲାଜରେ ଯଦି ଆପଣ ଲାଜେଇ ପଛଘୁଞ୍ଚା ଦେଲେ ତେବେ ଗୋଲ୍ଡେନ ଅପରଚ୍ୟୁନିଟି ମିସ୍ କରିବାର ଚାନ୍ସ ରହିଛି। ତେଣୁ ସେହି ଲାଜକୁ ପ୍ରେମର ପ୍ରଥମ ପାହାଚ ବୋଲି ଭାବିନେଇ ନିଜର ଲଭ୍ ଜର୍ଣ୍ଣି ଆରମ୍ଭ କରିଦିଅନ୍ତୁ ନା !

**ପ୍ରଶ୍ନ**–ପ୍ରେମରେ ପଡ଼ିଲେ ଭିଡ଼ ଭିତରେ ହେଉ କି ଏକୁଟିଆ ଥିବାବେଳେ ମନ ଖାଲି ସେହି ଜଣକୁ କେବଳ କାହିଁକି ଭାବେ ?

*–ଅବିନାଶ ଜେନା, ରାଜକନିକା, କେନ୍ଦ୍ରାପଡ଼ା*

**ଉତ୍ତର:** ମନ ଜଣକୁ ଦିଆଯାଏ, ପ୍ରେମ ଜଣକୁ କରାଯାଏ। ଯଦି ସେଥିରେ ଓଲମ ବିଲମ ହେଲା ତେବେ ସେହି ପ୍ରେମ ସ୍ୱାଦହୀନ ହୋଇଯାଏ। ଯାହାକୁ ପ୍ରେମ କରୁଛନ୍ତି ତାକୁ ନେଇ ସ୍ୱପ୍ନ ଦେଖନ୍ତୁ। ଏହି ସମୟରେ ଆଉ କାହାକୁ ମନ ଭିତରକୁ ଆଣିଲେ ପ୍ରେମରେ ଭାଇରସ ଏଣ୍ଟ୍ରି କରିବାର ଚାନ୍ସ ଅଛି। ତେଣୁ ଯାହାଠାରୁ ପ୍ରେମର ଆରମ୍ଭ କରିଛନ୍ତି ସେଠାରେ ହିଁ ମୁଣ୍ଡି ମାରନ୍ତୁ, ତେବେ ଯାଇ ପ୍ରେମର ଅସଲ ମଜା ଅନୁଭବ କରିପାରିବେ।



# ଏମିତି ବି କାର୍


ନର୍ମନ୍ ଟିମ୍ବସ୍ ସ୍ପେଶାଲ୍


୧୯୪୮ ଟସ୍କୋ

**ଆଜିକାଲି ପ୍ରାୟ ଘରେ ଘରେ କାର୍ । ଆଉ ସେସବୁ କାର୍ ବି ଦେଖିବାକୁ ପ୍ରାୟତଃ ଏକାଭଳି। ଯଦିଓ ଆକାର ଓ ଡିଜାଇନ୍‌ରେ ଥାଏ କିଛିଟା ଭିନ୍ନତା। ହେଲେ ଯେଉଁମାନେ କିଛି ଖାସ୍ ଓ ଅସାଧାରଣ କାର୍ ପସନ୍ଦ କରନ୍ତି ସେମାନଙ୍କୁ ଭଲ ଲାଗିପାରେ ନିମ୍ନରେ ପ୍ରଦତ୍ତ ଏହିସବୁ କାର୍। ଏହି କାର୍‌ଗୁଡ଼ିକ ଯେତିକି ଆକର୍ଷକ ସେତିକି ଅଜବ ବି ଲାଗେ। କାରଣ ଏସବୁ ହେଉଛି ଆଜିଯାଏଁ ନିର୍ମାଣ ହୋଇଥିବା ସବୁଠାରୁ ଅଜବ କାର୍ ମଧ୍ୟରୁ କିଛି....**


୧୯୫୫ କ୍ରିଜଲର୍ ଷ୍ଟ୍ରିମ୍‌ଲାଇନ୍ ଏକ୍ସ ଗିଲ୍ଡା



ପିଲ୍ ପି୫୦


ଷ୍ଟାଉଟ୍ ସ୍କରାବ

**ଫେରାରୀ ୫୧୨ଏସ୍ ମୋଡ୍ୟୁଲୋ କାର୍–** ୧୯୭୦ ଜେନେଭା ମୋଟର୍ ଶୋ'ରେ ପ୍ରଦର୍ଶିତ ହୋଇଥିଲା ପାଓଲୋ ମାର୍ଟିନ ଡିଜାଇନ୍ କରିଥିବା ଏହି କାର୍। ଉକ୍ତ କାର୍‌ଟି ଦେଖିବାକୁ ଏକ ଫିକ୍ସନ ମୁଭିର ସ୍ପେସ୍ ଶିପ୍ ପରି ଦେଖାଯାଉଥିଲା। ତେଣୁ ଏହାକୁ ସବୁଠାରୁ ଅଜବ କାର୍‌ଭାବେ ମଧ୍ୟ ଗଣନା କରାଯାଏ।

**୧୯୫୫ କ୍ରିଜଲର୍ ଷ୍ଟ୍ରିମ୍‌ଲାଇନ୍ ଏକ୍ସ ଗିଲ୍ଡା–** ଦେଖିଲେ ଏହା ସବୁଠୁ କୁଲ୍ ଗାଡ଼ି ଲାଗେ। ଏହା ବି କିଛି ମାତ୍ରରେ ସ୍ପେସ୍‌ଶିପ୍ ପରି ଦେଖାଯାଏ। ଭଲ ଏୟରୋଡାଇନାମିକ୍ ପାଇଁ କାର୍‌ଟିକୁ ଏଭଳି ଡିଜାଇନ୍ କରାଯାଇଥିଲା। ହେଲେ ଉକ୍ତ ଡିଜାଇନ୍‌ର ଚାହିଦା ବଜାରରେ ରହିଲା ନାହିଁ। ଆଉ ଏହା ଅଜବ କାର୍ ତାଲିକାରେ ରହିଗଲା।

**ଜେନେରାଲ ମୋଟର୍ସ ଫାୟର୍ ବାର୍ଡ ୧,୨,୩–** ଜେନେରାଲ ମୋଟର୍ସ ଦ୍ୱାରା ନିର୍ମିତ ଫାୟର୍ ବାର୍ଡ କାର୍‌ଗୁଡ଼ିକ ହେଉଛି ପ୍ରୋଟୋ ଟାଇପ୍ କାର୍। ଜେଟ୍ ପ୍ଲେନ୍‌ଠୁ ପ୍ରେରଣା ପାଇ ଉକ୍ତ କାର୍ ନିର୍ମାଣ କରାଯାଇଥିଲା।

**୧୯୪୮ ଟସ୍କୋ–** ଏହା ହେଉଛି ସବୁଠାରୁ ଅଜବ ଦେଖାଯାଉଥିବା କାର୍। ତଥାପି ଏମିତି ଅନେକ ଲୋକ ଅଛନ୍ତି ଯେଉଁମାନେ ଏହାକୁ ଏବେବି ପସନ୍ଦ କରନ୍ତି। ଏ ହେଉଛି ଦ୍ୱିତୀୟ ବିଶ୍ୱଯୁଦ୍ଧ ପରବର୍ତ୍ତୀ ଆମେରିକା ପାଇଁ ଡିଜାଇନ୍ ହୋଇଥିବା ସ୍ପୋର୍ଟସ୍ କାର୍। ଏହାକୁ ଡିଜାଇନ୍ କରିଥିଲେ ଗର୍ଡନ ବୁଏହ୍ରିଗ୍। ଏଥିରେ ଏରୋପ୍ଲେନ୍ ଭଳି କଣ୍ଟ୍ରୋଲ୍ ସିଷ୍ଟମ୍ ଥିଲା। ଆଉ ଏହା ହେଉଛି ପୃଥିବୀର ପ୍ରଥମ କାର୍ ଯେଉଁଥିରେ ଥିଲା ଟି–ଟପ୍ ରୁଫ୍।


**ପିଲ୍ ପି୫୦–** ଏହି କାର୍ ଦେଖିବାକୁ ବହୁତ କ୍ୟୁଟ୍। ତିନି ଚକ ବିଶିଷ୍ଟ ଏହି ମାଇକ୍ରୋ କାର୍‌କୁ ପିଲ୍ କମ୍ପାନୀ ୧୯୬୨–୬୫ ମସିହାରେ ନିର୍ମାଣ କରିଥିଲା। ଗିନିଜ୍ ୱାର୍ଲଡ ରେକର୍ଡରେ ଉକ୍ତ କାର୍ ସବୁଠାରୁ ଛୋଟ କାର୍‌ଭାବେ ସ୍ଥାନ ପାଇଛି। ଏହାକୁ ବି ସବୁଠାରୁ ଅଜବ ଦେଖାଯାଉଥିବା କାର୍ ମଧ୍ୟରେ ଗଣନା କରାଯାଏ।

**ଜେନେରାଲ୍ ମୋଟର୍ସ ଲି ସାର୍ବେ–** ଏହା ଏକ କନସେପ୍ଟ କାର୍, ଯାହା ୧୯୫୧ରେ ଆସିଥିଲା। ଏୟାରକ୍ରାଫ୍ଟରୁ ପ୍ରେରଣା ପାଇ ଏହାର ଡିଜାଇନ୍ କରାଯାଇଛି। ଏଥିରେ ରାପ୍ ଆରାଉଣ୍ଡ ଉଇଣ୍ଡଶିଲ୍ଡ ଓ ଟେଲ୍ ଫିନ୍ ଆଦି ଥିଲା। ଯଦିଓ ୧୯୫୧ ମସିହା ସମୟରେ ଏହା ଏକ ସାଧାରଣ ଅଟୋମୋବାଇଲ୍ ଡିଜାଇନ୍ ଥିଲା। ଏବେ କିନ୍ତୁ ତାହା ଏକ ଅଜବ ଦେଖାଯାଉଥିବା କାର୍ ଭାବେ ଗଣନା କରାଯାଏ।

**ବୁଗାଟି ଟାଇପ୍ ୫୭ଏସ୍ ଏରୋଲିଥେ–** ବୁଗାଟି କାର୍‌ର ନାଁ ଶୁଣିଲେ ଏକ ଆକର୍ଷକ ସୁପର୍ କାର୍‌ର ଛବି ଆଖି ସାମ୍‌ନାକୁ ଚାଲି ଆସେ। ତେବେ ଏହି କାର୍ କମ୍ପାନୀ ସୁପର୍ କାର୍ ବ୍ୟତୀତ ପୂର୍ବରୁ ଅନେକ ଅଜବ ଦେଖାଯାଉଥିବା କାର୍ ବି ନିର୍ମାଣ କରିଛି। ଠିକ୍ ଯେମିତି ବୁଗାଟି ଟାଇପ୍ ୫୭ଏସ୍। ଟାଇପ୍ ୫୭ରେ ସେମାନେ ଅନେକ କାର୍ ଯେମିତିକି ୫୭ଟି, ୫୭ସି ଓ ୫୭ସି ଟ୍ୟାଙ୍କ ଆଦି ନିର୍ମାଣ କରିଛନ୍ତି। ତେବେ ୫୭ଏସ୍ ଏରୋଲିଥେ ହେଉଛି ସବୁଠାରୁ ଭିନ୍ନ।

**ଷ୍ଟାଉଟ୍ ସ୍କରାବ–** ୧୯୩୨ରେ ଡିଜାଇନର୍ ୱିଲିୟମ୍ ବଶନେଲ୍ ଉକ୍ତ କାର୍ ଡିଜାଇନ୍ କରିଥିଲେ। ଏହାକୁ ପୃଥିବୀର ପ୍ରଥମ ମିନିଭ୍ୟାନ୍ ବୋଲି ବି କୁହାଯାଏ। ହେଲେ ଏହାର ଚାହିଦା ବିଶେଷ ନ ରହିବାରୁ ଅଧିକ ଉତ୍ପାଦନ ହେଲା ନାହିଁ। କେବଳ ୧୨ଟି କାର୍ ନିର୍ମାଣ ହୋଇଥିଲା, ଯେଉଁଥିରୁ ଏବେ ବି ୫ଟି ଅଛି।

**ନର୍ମନ୍ ଟିମ୍ବସ୍ ସ୍ପେଶାଲ୍–** ଟକର୍ ଅଟୋମୋବାଇଲ୍‌ରେ କାମ କରୁଥିବା ଇଞ୍ଜିନିୟର୍ ନର୍ମନ ଇ. ଟିମ୍ବସ୍ ନିର୍ମାଣ କରିଥିଲେ ଉକ୍ତ କାର୍। ଏହାକୁ ତିଆରି କରିବା ପାଇଁ ତାଙ୍କୁ ୩ ବର୍ଷ ସମୟ ଲାଗିଥିଲା। ଉକ୍ତ କାର୍ ପରବର୍ତ୍ତୀ ସମୟରେ ନର୍ମନ୍ ଟିମ୍ବସ୍ ସ୍ପେଶାଲଭାବେ ପରିଚିତ ହେଲା। ଏହାର ସ୍ଲିମ୍‌ଡ ଡାଉନ୍ ଡିଜାଇନ୍ ଓ ଲଙ୍ଗ ଫ୍ରଣ୍ଟ ନୋଜ୍, ବେଶ୍ ଆକର୍ଷକ। କିନ୍ତୁ ଏଥିରେ ନ ଥିଲା କୌଣସି ଡୋର୍। ତେଣୁ ଏହା ଯେତିକି ଆକର୍ଷକ ସେତିକି ଅଜବ ମଧ୍ୟ।


ବୁଗାଟି ଟାଇପ୍ ୫୭ଏସ୍ ଏରୋଲିଥେ


ଫେରାରୀ ୫୧୨ଏସ୍ ମୋଡ୍ୟୁଲୋ

## ସୂଚନା

ଏଠାରେ ଫଟୋ ପ୍ରକାଶ ପାଇବା ପାଇଁ କିଛି ଟଙ୍କା ଦେବାକୁ ପଡ଼େନାହିଁ। ଯୋଗ୍ୟ ବିବେଚିତ ଫଟୋ ହିଁ ପ୍ରକାଶ ପାଇବ।



ଇଶାନ ମନୋଜ

ଆପଣଙ୍କ ମୁହଁ ମଡେଲ ମିରରରେ ଦେଖିବାକୁ ଚାହୁଁଥିଲେ ଯୋଗାଯୋଗ: ଧରିତ୍ରୀ ଛୁଟିଦିନ, ବି-୧୫ ରସୁଲଗଡ଼ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦ ଫୋନ ନଂ: (୦୬୭୪) ୨୫୮୦୧୦୧

## ହାଃ ହାଃ

### ଖବରକାଗଜ

ପତ୍ନୀ ସକାଳୁ ସକାଳୁ ସ୍ୱାମୀଙ୍କୁ- ମୁଁ ଖବରକାଗଜ ହୋଇ ଥାଆନ୍ତି କି! ଅନ୍ତତଃ ପ୍ରତିଦିନ ସକାଳେ ତମେ ମତେ ହାତରେ ତ ଧରି ଥାଆନ୍ତ।

ସ୍ୱାମୀ- ମୋର ବି ସେଇ ଇଚ୍ଛା। ତମେ ଖବରକାଗଜ ହୋଇଥିଲେ ସବୁଦିନ ନୂଆ ନୂଆ ପାଇଥାଆନ୍ତି।

### ସୁନ୍ଦରୀ

ଶିକ୍ଷକ–ଇଂଲିଶରେ ସୁନ୍ଦରୀ ଝିଅକୁ କ'ଣ କହନ୍ତି?

ପିଣ୍ଟୁ– ଆଇ ଲଭ୍ ୟୁ।

### ଆଶୀର୍ବାଦ

ଭିକାରି ବିଏମ୍‌ଡବ୍ଲୁ କାର୍‌ରେ ବସିଥିବା ଜଣେ ମହିଳାଙ୍କୁ- ମା' ଏଇ ଗରିବ ଭିକାରିକୁ କିଛି ଦିଅ।

ମହିଳା– ନିଅ ୧୦ ଟଙ୍କା। ଭିକାରି ଟଙ୍କା ନେଇ ଚାଲିଗଲା। କିଛି ବାଟ ଯିବା ପରେ ମହିଳା ପାଟି କରି– ଟଙ୍କା ଦେଲି କିଛି ଆଶୀର୍ବାଦ ତ ଦିଅ।

ଭିକାରି– ବିଏମ୍‌ଡବ୍ଲୁରେ ବସିଛ। ଆହୁରି କ'ଣ ରକେଟ୍‌ରେ ବସିବାକୁ ଇଚ୍ଛା ନା କ'ଣ?

# ଦୀମାପୁର



ନାଗାଲାଣ୍ଡର ଏକ ସୁନ୍ଦର ସହର ହେଉଛି ଦୀମାପୁର। ପ୍ରାକୃତିକ ବୈଭବରେ ଭରା ଏହି ସହରରେ ଅନେକ ଉଦ୍ୟାନ, ଜଳପ୍ରପାତ, ଧାର୍ମିକ ସ୍ଥଳୀ ତଥା ଆହୁରି ବହୁତ କିଛି ପର୍ଯ୍ୟଟନ ସ୍ଥଳୀମାନ ଦେଖିବାକୁ ରହିଛି...।

ଭାରତର ଏକ ଛୋଟ ରାଜ୍ୟ ହେଉଛି ନାଗାଲାଣ୍ଡ। କିନ୍ତୁ ଏଠାରେ ରହିଛି ଏମିତି ଅନେକ ଆକର୍ଷଣୀୟ ସ୍ଥାନ, ଯାହାକି ଅନ୍ୟ କେଉଁଠି ଦେଖିବା ସ୍ୱପ୍ନ। ନିଜର ସ୍ୱତନ୍ତ୍ର ସଂସ୍କୃତି ଓ ପରମ୍ପରା ପାଇଁ ପର୍ଯ୍ୟଟକଙ୍କ ମଧ୍ୟରେ ଆଦର ପାଇ ଆସିଥିବା ଏହି ରାଜ୍ୟର ଏକ ବଡ଼ ସହର ହେଉଛି ଦୀମାପୁର। ଏହି ସହର ନିଜ ଭିତରେ ଲୁଚାଇ ରଖିଛି ଅନେକ ମନଲୋଭା ପ୍ରାକୃତିକ ଦର୍ଶନୀୟସ୍ଥଳୀ, ଯାହାକୁ ଦେଖିବା ପାଇଁ ଦେଶ ବିଦେଶରୁ ଆଗନ୍ତୁକ ବୁଲି ଆସୁଛନ୍ତି।

## କ'ଣ ଦେଖିବେ

**ଟ୍ରିପଲ ଫଲ୍ସ :** ଏହି ଫଲ୍ସ ବା ଜଳପ୍ରପାତ ବିଶେଷ କରି ଦୀମାପୁରର ସିଥେକିମା ଗାଁରେ ଅବସ୍ଥିତ। ଏଠାରେ ତିନୋଟି ଜଳପ୍ରପାତକୁ ୨୮୦ ଫୁଟ ଉଚ୍ଚତାବିଶିଷ୍ଟ ଗୋଟିଏ ପାହାଡ଼ରୁ ତିନିଧାର ହୋଇ ଝରୁଥିବାର ଏକ ଅଦ୍ଭୁତ ଦୃଶ୍ୟ ଦେଖିବାକୁ ମିଳିଥାଏ, ଯାହାକି ବେଶ୍ ଆକର୍ଷଣୀୟ ଲାଗିଥାଏ। ପର୍ଯ୍ୟଟକଙ୍କର ଦୃଷ୍ଟି ଆକର୍ଷଣ ପାଇଁ ଟ୍ରିପଲ ଫଲ୍ସ ଓ ତା'ର ନିକଟବର୍ତ୍ତୀ ସ୍ଥାନଗୁଡ଼ିକରେ ମଧ୍ୟ ନାଗାଲାଣ୍ଡର ପର୍ଯ୍ୟଟନ ବିଭାଗ ତରଫରୁ ଅନେକ ଉନ୍ନତିମୂଳକ କାର୍ଯ୍ୟ କରାଯାଇଥିବା ଦେଖିବାକୁ ମିଳିଥାଏ। ତା' ଛଡ଼ା ଏଠାରେ ପର୍ଯ୍ୟଟକଙ୍କ ନିମନ୍ତେ ଟ୍ରେକିଂର ସୁବିଧା ମଧ୍ୟ ରହିଛି।

**ଗ୍ରୀନ୍ ପାର୍କ :** ଏହାର ନାଁ ହିଁ ପ୍ରମାଣ କରିଦେଇଛି ଯେ, ଏଠାରେ କେତେ ସୁନ୍ଦର ସବୁଜ ଘାସ ଗାଲିଚା ତଥା ଗଛଲତା ପରିପୂର୍ଣ୍ଣ ପରିବେଶ ଦେଖିବାକୁ ମିଳିଥାଏ। ଏଭଳି ଏକ ଶାନ୍ତି ତଥା ପ୍ରାକୃତିକ ସୌନ୍ଦର୍ଯ୍ୟଭରା ସ୍ଥାନରେ କିଛି କ୍ଷଣ କଟାଇବା ପାଇଁ କିଏ ବା କାହିଁକି ମନ ନ କରିବ।

**ଦୀମାପୁର ଜୈନମନ୍ଦିର :** ଏହା ମଧ୍ୟ ପର୍ଯ୍ୟଟକଙ୍କୁ ଆକର୍ଷିତ କଲା ଭଳି ଏକ ସ୍ଥାନ। ଏହି ମନ୍ଦିରର କାରୁକାର୍ଯ୍ୟ ବେଶ୍ ମନଲୋଭା। ଖାସ୍ କରି ମନ୍ଦିରରେ ହୋଇଥିବା କାଚର ଖୁବ୍ ସୁନ୍ଦର ସୁନ୍ଦର କାର୍ଯ୍ୟ ଦର୍ଶକଙ୍କର ଖୁବ୍ ପସନ୍ଦ।


**ରଙ୍ଗପହାର ରିଜର୍ଭ ଫରେଷ୍ଟ :** ଏଠାରେ ବହୁ ବିରଳ ପଶୁପକ୍ଷୀଙ୍କ ସମେତ ଅନେକ ଔଷଧୀୟ ବୃକ୍ଷ ମଧ୍ୟ ଦେଖିବାକୁ ମିଳିଥାଏ। ପର୍ଯ୍ୟଟକଙ୍କ ନିମନ୍ତେ ଏହା ସକାଳ ୮ଟାରୁ ସନ୍ଧ୍ୟା ୬ଟା ଯାଏ ଖୋଲା ରହିଥାଏ।


**କଛାରି ଧ୍ୱଂସାବଶେଷ :** ଏହା ହେଉଛି ଦୀମାପୁରର ଖୁବ୍ ଲୋକପ୍ରିୟ ଐତିହାସିକ ପର୍ଯ୍ୟଟନସ୍ଥଳୀ। ଇତିହାସ ପୃଷ୍ଠା ଲେଉଟାଇଲେ ଜଣାଯାଏ ଯେ ବହୁ ବର୍ଷ ପୂର୍ବେ ଏଠାରେ ଦୀମ୍‌ସା କଛାରୀ ସଭ୍ୟତା ଗଢି ଉଠିଥିଲା। ସେମାନେ ଏଠାରେ ନିଜର ପ୍ରଭୁତ୍ୱ ମଧ୍ୟ ଜାହିର କରୁଥିଲେ। ଆଉ ଅନେକ ସୁନ୍ଦର ସୁନ୍ଦର ସ୍ତମ୍ଭମାନ ତିଆରି କରିଥିଲେ। ହେଲେ ତ୍ରୟୋଦଶ ଶତାବ୍ଦୀ ସମୟରେ ସେମାନଙ୍କ ଉପରକୁ ଏକ ବିପଦ ମାଡ଼ିଆସିଲା। ସବୁକିଛି ନଷ୍ଟ ହେବାକୁ ବସିଲା। କିନ୍ତୁ କିଛି ସ୍ତମ୍ଭର ଧ୍ୱଂସାବଶେଷ ଯାହା ରହିଗଲା, ତାହା ଏବେ ବି ସେଦିନର ସ୍ମୃତି ସବୁକୁ ମନେ ପକାଇ ଦେଉଛି।


ତେବେ କେବଳ ଏତିକି ନୁହେଁ ଦୀମାପୁରରେ ଦେଖିବା ପାଇଁ ଆହୁରି ଅନେକ ପର୍ଯ୍ୟଟନସ୍ଥଳୀମାନ ମଧ୍ୟ ରହିଛି। ଯଥା – ସାଇନ୍ସ ସେଣ୍ଟର, ଷ୍ଟୋନ୍ ପାର୍କ, ହାଜି ପାର୍କ, ଶିବ ମନ୍ଦିର, କାଳୀମନ୍ଦିର ତଥା କିଛି ଛୋଟ ଜଳପ୍ରପାତ ଇତ୍ୟାଦି।


## କେବେ ଓ କେମିତି ଯିବେ

ଏଠାକୁ ଯିବା ପାଇଁ ଅକ୍ଟୋବରରୁ ମାର୍ଚ୍ଚ ହେଉଛି ସବୁଠୁ ଭଲ ସମୟ। ସେହିପରି ଏଠାକୁ ଯିବା ପାଇଁ ଗମନାଗମନର ମଧ୍ୟ ସୁବିଧା ରହିଛି। ଦୀମାପୁର ରେଳଷ୍ଟେଶନ୍ ହେଉଛି ଏହାର ନିକଟତମ ରେଳଷ୍ଟେଶନ୍, ଯେଉଁଠାକୁ ନିୟମିତ ବ୍ୟବଧାନରେ ଗୁଆହାଟୀ, କୋଲକାତା, ନୂଆଦିଲ୍ଲୀ, ବାଙ୍ଗାଲୋର, ଚଣ୍ଡୀଗଡ଼,ଅମ୍ରିତସର, ଦିବ୍ରୁଗଡ଼ ତଥା ଚେନ୍ନାଇରୁ ଟ୍ରେନ୍ ଚଳାଚଳ କରିଥାଏ। ତା'ଛଡ଼ା ଦୀମାପୁର ଏୟାରପୋର୍ଟକୁ କୋଲକାତା, ଦିଲ୍ଲୀ, ଦିବ୍ରୁଗଡ଼ରୁ ବିମାନ ମଧ୍ୟ ଯା'ଆସ କରେ।









# ଜେଲିଫିଶ୍ ହ୍ରଦ

ପ୍ରଶାନ୍ତ ମହାସାଗରର ଦକ୍ଷିଣରେ ଥିବା ପଲାଉରେ ଅଛି ଏକ ହ୍ରଦ, ଯାହା ଜେଲିଫିଶ୍‌ରେ ପରିପୂର୍ଣ୍ଣ। ଏହାର ଦୃଶ୍ୟ ବେଶ୍ ଚମତ୍କାର। ସାରା ପୃଥିବୀରୁ ସ୍କୁବା ଡାଇଭର୍‌ମାନେ ଏଠାକୁ ଆସନ୍ତି ଗଭୀର ଜଳ ମଧ୍ୟରେ ଜେଲିଫିଶ୍‌ର ଅଦ୍ଭୁତ ଦୃଶ୍ୟକୁ ଖୁବ୍ ନିକଟରୁ ଅନୁଭବ କରିବାକୁ। ଲକ୍ଷ ଲକ୍ଷ ସଂଖ୍ୟାରେ ଥିବା ଏହି ଜେଲି ଫିଶ୍‌ଗୁଡ଼ିକ ବିଷାକ୍ତ ବି ନୁହନ୍ତି। ଜେଲିଫିଶ୍‌ଙ୍କ ଗହଣରେ ପହଁରିବା ସହ ସେମାନଙ୍କୁ ଛୁଇଁବାର ଅନୁଭୂତି ବେଶ୍ ନିଆରା। ତେବେ ଏହା ମଧ୍ୟରେ ସ୍କୁବା ଡାଇଭିଂ କରିବାକୁ ଅନୁମତି ନେବାକୁ ହୁଏ। ପରିବେଶ ପ୍ରତି ବିପଦ ସହ ଜଳ ମଧ୍ୟରେ ୧୫-୨୦ ମିଟରକୁ ଗଲେ ହାଇଡ୍ରୋଜେନ ସଲ୍‌ଫାଇଡ୍‌ର ମାତ୍ରା ବଢ଼ିଯାଏ, ଯାହାକି ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ। ତେଣୁ ଏଠାରେ ସ୍କୁବ୍ ଡାଇଭିଂ କରିବା ପାଇଁ ସହଜରେ ଅନୁମତି ମିଳି ନ ଥାଏ। ତଥାପି ପୃଥିବୀର ବିଭିନ୍ନ ସ୍ଥାନରୁ ସ୍କୁବା ଡାଇଭର ଓ ପହଁରାଳିମାନେ ଏଠାକୁ ଆସନ୍ତି।







## କାର୍ଟୁନ କର୍ଣ୍ଣର



# ସୁରିଲା ଲିପୁ

ଜ୍ଞାନରଞ୍ଜନ ନାୟକ! ସମସ୍ତେ ତାଙ୍କୁ ଜାଣନ୍ତି କୁମାର ଲିପୁ ଭାବରେ। ଲିପୁ ଯେତେବେଳେ ଷ୍ଟେଜ୍‌କୁ ଆସନ୍ତି ସେତେବେଳେ ଦର୍ଶକମାନେ ତାଙ୍କଠୁ ନିଶ୍ଚିତ ଭାବରେ କିଛି ଭିନ୍ନ କଥା ଆଶା କରନ୍ତି। କାରଣ ଲିପୁ କେବଳ ମେଲ୍ ଭଏସ୍‌ରେ ନୁହେଁ, ଉଭୟ ପୁରୁଷ ଓ ମହିଳା କଣ୍ଠରେ ଗାଇ ପାରନ୍ତି। ବିଶେଷକରି ଲତା ଓ ରଫିଙ୍କ ‘ଡଫ୍‌ଲୀୱାଲେ ଡଫ୍‌ଲୀ ବଜା’, ଅନୁରାଧା ପୌଡ୍ୱାଲ୍ ଏବଂ ମହମ୍ମଦ ଅଜିଜ୍‌ଙ୍କ ‘କୈସେ କଟେ ଦିନ୍ କୈସେ କଟେ ରାତେଁ’, ଡିଡିଏଲ୍‌ର ‘ହୋ ଗୟା ହୈ ତୁଝ୍‌କୋ ତୋ ପ୍ୟାର ସଜନା’ ଆଦି ଯୁଗଳ କଣ୍ଠ ସଙ୍ଗୀତକୁ ସେ ଏକୁଟିଆ ଗାଇ ଦର୍ଶକଙ୍କୁ ଝୁମେଇ ଦେଇପାରନ୍ତି। କେନ୍ଦ୍ରାପଡ଼ାର କୋଶିଦା ଗାଁର ବିଜୟ ନାୟକ ଓ ଅଞ୍ଜୁଶ୍ରୀ ନାୟକଙ୍କ ପୁଅ କୁମାର ଲିପୁ। ବାପା ବିଜୟ ନାୟକ ଜଣେ ଗୀତ ମାଷ୍ଟର। ଡ୍ରାମାଠୁ କୀର୍ତ୍ତନ ସବୁଠି ତାଙ୍କୁ ଖୋଜାପଡ଼େ। ଲିପୁଙ୍କୁ ସଙ୍ଗୀତ ବାପାଙ୍କଠୁ ମିଳିଛି। ସେ ତାଙ୍କରି ଠୁ ହିଁ ଗୀତ ଶିଖିଛନ୍ତି। ତାଙ୍କର ଯାତ୍ରାକୁ ଆସିବାର କାହାଣୀଟି ନାଟକୀୟ। ଲିପୁ ମେଲୋଡ଼ି ଗାଇ ଘରକୁ ଫେରୁଥିଲେ। ମାହାଳହାଟ ଚଁପୁର ଠାରେ ତୁଳସୀ ଗଣନାଟ୍ୟ ଯାତ୍ରା କରୁଥାଏ। ସାଙ୍ଗମାନେ କହିଲେ ଗୀତ ଗାଇବାକୁ। ପାର୍ଟି ପକ୍ଷରୁ ବି ସବୁଜ ସଙ୍କେତ ମିଳିଗଲା। ଲିପୁ ତୁଳସୀ ଗଣନାଟ୍ୟ ମଞ୍ଚରେ ଗୀତ ଗାଇଲେ। ସେଇଠି ଲିପୁଙ୍କ ଗୀତକୁ ଶୁଣିଲେ ତୁଳସୀ ଗଣନାଟ୍ୟର ତିନି କର୍ମକର୍ତ୍ତା ଅନିଲ ଦୀକ୍ଷିତ, ଚିନୁବାବୁ ଓ ନାଣ୍ଟୁବାବୁ। ସେମାନେ ଆଗାମୀ ସିଜନ୍‌ରେ ତୁଳସୀରେ ଯୋଗଦେବା ପାଇଁ ଲିପୁଙ୍କ ସହ ଚୁକ୍ତିକଲେ। ମା’ କିମ୍ବା ଭଉଣୀ କେହି ଚାହୁଁ ନ ଥିଲେ ଘର ଛାଡ଼ି ଲିପୁ ବାହାରକୁ ଯାଆନ୍ତୁ। ମାତ୍ର ଲିପୁଙ୍କ ପ୍ରବଳ ଇଚ୍ଛାଶକ୍ତି ଆଗରେ ସମସ୍ତେ ତୁନି ପଡ଼ିଲେ। ତୁଳସୀରେ ଯୋଗଦେଲେ ଲିପୁ। ସେଇଠି ଭେଟ ହେଲେ ଯାତ୍ରାଜଗତର ଭେଟେରାନ୍ ମ୍ୟୁଜିକ୍ ଡିରେକ୍ଟର ମିହିର ମହାନ୍ତି। ଆଉ ତାଙ୍କରି ପ୍ରେରଣା ହିଁ ଲିପୁଙ୍କୁ ଆଗକୁ ଯିବାର ସାହସ ଯୋଗେଇଦେଲା। ତୁଳସୀରେ ସିନା ଯୋଗଦେଲେ। ହେଲେ ପାର୍ଟିର ନିଷ୍ପତ୍ତି ଅନୁଯାୟୀ ସେହିବର୍ଷ ଗୌରୀ ଗଣନାଟ୍ୟ ପାଇଁ କାମକଲେ ଲିପୁ। ତାଙ୍କର ଭଏସ୍ ଉଭୟ ଟାଇଟଲ୍ ତଥା ରୋମାଣ୍ଟିକ୍ ସଙ୍ଗ୍ ପାଇଁ ଫିଟ୍ ହେଉଥିବା ହେତୁ ସଙ୍ଗୀତ ନିର୍ଦ୍ଦେଶକମାନଙ୍କର ପ୍ରଥମ ପସନ୍ଦ ପାଲଟିଗଲେ ସେ। ତୁଳସୀରୁ ଗୌରୀ ଏବଂ ଏହିପରି ଏକାଧିକ ଯାତ୍ରାପାର୍ଟିରେ ସଫଳତାର ସହିତ କାମ କରି ଲିପୁ ଏବେ ଆସି ଇନ୍ଦ୍ରଭୁବନରେ କାମ କରୁଛନ୍ତି। ଦୀର୍ଘବର୍ଷର ଯାତ୍ରା କ୍ୟାରିୟର ଭିତରେ ସେ ଏକାଧିକ ନାଟକରେ କଣ୍ଠଦାନ କରିଛନ୍ତି। ସେଥିମଧ୍ୟରୁ କେତୋଟି ହେଉଛି – ‘ଛତା ଚିହ୍ନରେ ଭୋଟ ଦିଅ’, ‘ବାଜେ ଝିଅର ଲଭ୍ ଷ୍ଟୋରି’, ‘ବାଲେଶ୍ୱରୀ ବୋହୂ’, ‘ବଳାତ୍କାରୀକୁ ଫାଶୀ ଦିଅ’, ‘ଛାତିରେ ରହିଛି ରାତିର କଥା’, ‘ବାଜିବଲୋ ସାହାନାଇ’, ‘ଶହେ ମାନସିକ ତୋରି ପାଇଁ’। ଚଳିତବର୍ଷ ଇନ୍ଦ୍ରଭୁବନରେ ଲିପୁ କଣ୍ଠଦାନ କରିଥିବା ନାଟକଗୁଡ଼ିକ ହେଉଛି ‘ଭାଇ ଭଉଣୀର ନୂଆ କାହାଣୀ’, ‘ଭଲପାଇ କିଏ ଭଲରେ ଅଛି’, ‘ସାର୍ଟ ହଜିଛି ସନାଦାସର’ ଏବଂ ‘ସୁନାହରିଣୀ’। ବାପାମା’ଙ୍କ ଆଶୀର୍ବାଦ, ଭାଇ ଅଶୋକ ନାୟକ, ଭଉଣୀ ଅମ୍ବିକା ନାୟକ, ସାନ ଭଉଣୀ ପୁଷ୍ପିତାର ଭଲପାଇବା ତଥା ସର୍ବୋପରି ମିହିର ମହାନ୍ତିଙ୍କ ପ୍ରେରଣା ତାଙ୍କ ସଂଗୀତ ଜୀବନକୁ ଆଗେଇ ନେଉଛି ବୋଲି ଲିପୁଙ୍କ ମତ।



# ଯାତ୍ରା ଗାଁର ସୁଶୀଲ



“ଯିବି ବାବୁ! ଯିବି ମା’ ସାଆନ୍ତାଣୀ!! ମୋ ବା’ର ଜୀବନ ବଞ୍ଚେଇବାକୁ ମୁଁ ତମ ସଙ୍ଗରେ ଯିବି। ହେଲେ ବାବୁ, ମୁଣ୍ଡରେ ସିନ୍ଦୂର ବେକରେ ଫୁଲମାଳ ପିନ୍ଧି ବଳିକାଠକୁ ଯାଉଥିବା ନିରୀହ ପଶୁଟାର ଜୁଳୁଜୁଳୁ ଆଖିର ଭାଷା ପଢ଼ିବାକୁ ଚେଷ୍ଟା କରିଛ? କଂସେଇ ହାତରେ ଧାରୁଆ ଛୁରି ଦେଖି ମରିବା ନିଶ୍ଚିତ ଜାଣି ମଧ୍ୟ ପ୍ରତିବାଦର ସ୍ୱର ଶୁଣିଛ? ଗୋଟିଏ ଚୋଟରେ ଗଣ୍ଡିମୁଣ୍ଡ ଅଲଗା ହେଇଗଲା ପରେ ମୁଣ୍ଡକୁ ହରେଇ ଗଣ୍ଡିଟା କେମିତି ଛଟପଟ ହୁଏ ଅନୁଭବ କରିଛ? ଯିବି ବାବୁ! ଯିବି ମା’ ସାଆନ୍ତାଣୀ!! ମୋ ବା’ର ଜୀବନ ବଞ୍ଚେଇବାକୁ ମୁଁ ତମ ସଙ୍ଗରେ ଯିବି।”

ପାର୍ବତୀ ଗଣନାଟ୍ୟ ପ୍ରଯୋଜିତ ନାଟକ ‘ଚିରାପଣତ’ର ନାୟକ ଚନ୍ଦନ ମୁହଁର ଏହା ଏକ ଅତି ଲୋକପ୍ରିୟ ସଂଳାପ। ସେଦିନର ସେଇ ଚନ୍ଦନ ଭୂମିକାରେ ଅଭିନୟ କରି ଲୋକଙ୍କୁ କନ୍ଦଉଥିବା ହସଉଥିବା ରଗଉଥିବା କଳାକାର ଜଣକ ଆଉ କେହି ନୁହନ୍ତି ସେ ହେଉଛନ୍ତି ସୁଶୀଲ କୁମାର ମହାପାତ୍ର। ମହାକାଳପଡ଼ା ଦଧିପୁରର ସୁଶୀଲ ଜଣେ ସାଇନ୍ସ ଗ୍ରାଜୁଏଟ୍। ତଥାପି ସେ ଟାଣି ହୋଇ ଆସନ୍ତି ଯାତ୍ରାକୁ। କାରଣ ତାଙ୍କ ଭିତରେ ଥାଏ କଳା ପ୍ରତି ଏକ ଅହେତୁକ ମମତା। ୨୦୦୧ରେ ଅଷ୍ଟଶମ୍ଭୁ ଗଣନାଟ୍ୟରୁ ଆରମ୍ଭ ହୁଏ ସୁଶୀଲ୍‌ଙ୍କ ଅଭିନୟର ଯାତ୍ରା। ଚକୋଲେଟ୍ ଚେହେରା। ଆକର୍ଷଣୀୟ ହସ। ବାସ୍, ପ୍ରଥମ ନାଟକ ‘ଲୁହରେ ଜଳୁଛି ଚଉଠି ଦୀପ’ରେ ତାଙ୍କୁ ମିଳିଯାଏ ନାୟକର ଭୂମିକା। ଦର୍ଶକ ବି ଗ୍ରହଣ କରନ୍ତି ତାଙ୍କୁ। ଅଷ୍ଟଶମ୍ଭୁରୁ ପାର୍ବତୀ, କୋଣାର୍କ, ଧଉଳି ଆଦି ଯାତ୍ରାନୁଷ୍ଠାନରେ ଅଭିନୟ ପରାକାଷ୍ଠା ଦେଖେଇ ସୁଶୀଲ ଏବେ ଆସି ପହଞ୍ଚିଛନ୍ତି ‘ଯାତ୍ରା ଗାଁ’ରେ। ଦୀର୍ଘ ୧୮/୧୯ବର୍ଷର ଯାତ୍ରା କ୍ୟାରିଅର ମଧ୍ୟରେ ସେ ଅନେକ ସଫଳ ନାଟକରେ ନାୟକ ଭୂମିକାରେ ଅବତୀର୍ଣ୍ଣ ହୋଇଛନ୍ତି। ସେସବୁ ମଧ୍ୟରେ ରହିଛି ‘ରୁପା କାନଫୁଲ ସୁନା ପାଉଁଜି’, ‘ତୁମକୁ ବାହାହେଇ ଭୁଲ ହେଲା’, ‘ଝିଅମାନଙ୍କୁ ସଲାମ କର’, ‘ବନ୍ଧୁ ପ୍ରେମେ ବନ୍ଧା ପଡ଼ିଛି’, ‘ଏମିତି କେମିତି ହେଲା’, ‘ଭୁଲ ବୁଝିବନି ରହିଲା ରାଣ’, ‘କହଲୋ ବଉଳ କିଏ ତୋ ବର’, ‘ଯୋଡ଼ା ଭାରିଯା’, ‘ଓଡ଼ିଶା ସୁନ୍ଦରୀ ପଡ଼ିଶା ଝିଅ’, ‘କଥା ରହିଗଲା ଯୁଗଯୁଗକୁ’, ‘ଚଣ୍ଡାଳ ହାତରେ ଗଙ୍ଗା ତୁଳସୀ’, ‘କଳାପାଣିର କଳାବତୀ’, ‘ସିନ୍ଦୂର ମୋର ସ୍ୱାମୀ ତୋର’ ଏବଂ ଆହୁରି ଅନେକ। ଚଳିତବର୍ଷ ‘ଯାତ୍ରା ଗାଁ’ରେ ସେ ଅଭିନୟ କରୁଥିବା ନାଟକଗୁଡ଼ିକ ମଧ୍ୟରେ ରହିଚି ‘ଚାଲୁଛି ଅଳପ ଝୁଣ୍ଟୁଛି ବେଶି’, ‘ତୁ ମୋ ସପନ ରାଣୀ’ ଏବଂ ‘ଲୁହର ଓଜନ ଲୁହାଠୁ ବେଶି’। ଉପରୋକ୍ତ ନାଟକ ତିନୋଟିରେ ଯଥାକ୍ରମେ ତାଙ୍କର ଆୟୁଷ, ସିଦ୍ଧାର୍ଥ ଏବଂ ସଉରା (ଦ୍ୱୈତ ଭୂମିକା) ଏବଂ ସ୍ୱାଗତ ଭୂମିକାକୁ ଦର୍ଶକ ଢେର ସାରା ପସନ୍ଦ କରିଥିବା ସୁଶୀଲ କହନ୍ତି।

# ପିଜା ଭୋଜନ

ପିଜା ସମସ୍ତେ ଖାଆନ୍ତି। ମାତ୍ର କ୍ଲେୟାର ସାଇମନ୍‌ଙ୍କ ଭଳି ପିଜା କେହି ଖାଇପାରିବେ ନାହିଁ। ତାଙ୍କ ପାଇଁ ପିଜା ଏକ ସୌଖୀନ ଖାଦ୍ୟ ନୁହେଁ। ଅଧିକନ୍ତୁ ଏହା ତାଙ୍କ ପାଇଁ ଏକ ଅତ୍ୟାବଶ୍ୟକ ଭୋଜନ। ୩୧ ବର୍ଷ ଧରି ସେ କେବଳ ପିଜା ଖାଇ ଜୀବନ ବିତାଇଛନ୍ତି। ପିଜା ସାଇମନ୍‌ଙ୍କର ଅତି ପ୍ରିୟ। ସେ ଚିଜ୍ ଆଉ ଟମାଟୋ ଖାଇବାକୁ ବେଶି ପସନ୍ଦ କରିଥାନ୍ତି। ସାଇମନ୍‌ଙ୍କୁ ଏବେ ୩୩ ବର୍ଷ। ଅର୍ଥାତ୍ ମାତ୍ର ଦୁଇବର୍ଷ ବୟସରୁ ସେ ପିଜା ଖାଇବା ଆରମ୍ଭ କରିଥିଲେ। ସମୟକ୍ରମେ ତାଙ୍କର ବୟସ ବଢ଼ିଥିଲା। ଏହି ବୟସ ବଢ଼ିବା ଭିତରେ ସେ ଅନେକ କିଛି ଛାଡ଼ିଥିଲେ। ଅନେକ କିଛି ନୂଆ ଗ୍ରହଣ କରିଥିଲେ। ମାତ୍ର ପିଜାକୁ ଛାଡ଼ିପାରି ନ ଥିଲେ। ପିଜା ପାଲଟି ଯାଇଥିଲା ତାଙ୍କର ଅତି ପସନ୍ଦର ଖାଦ୍ୟ।



ବ୍ୟାକ୍ ପେଜ୍



# ହ୍ୱିଲ ଚେୟାରରେ କାରନାମା

ଲାସ୍ ଭେଗାସ୍‌ର ଆରୋନ ଫୋଟେହିଙ୍ଗମ୍ 'ସ୍ପାଇନ୍ ବିଫିଡା' ନାମକ ମେରୁଦଣ୍ଡଜନିତ ରୋଗ ନେଇ ଜନ୍ମ ହୋଇଥିଲେ। ସେତେବେଳେ ଡାକ୍ତରମାନେ କହିଥିଲେ, ସେ କେବେବି ସାମାନ୍ୟ ମଣିଷଙ୍କ ଭଳି ଚଲାବୁଲା କରିପାରିବେ ନାହିଁ। ତେବେ ସମୟ କ୍ରମେ ସେ ପ୍ରଥମେ ଆଶାବାଡ଼ି ଧରି ଚାଲିଲେ। ତା'ପରେ ୮ ବର୍ଷ ବୟସରେ ହ୍ୱିଲ ଚେୟାର ବ୍ୟବହାର କଲେ। ସେ ତାଙ୍କ ବଡ଼ଭାଇଙ୍କୁ ବିଏମ୍‌ଏକ୍ସ ବାଇକ୍ ରାଇଡ୍ ଓ ରେସ୍ କଲାବେଳେ ଦେଖୁଥିଲେ। ଦିନେ ତାଙ୍କ ଭାଇ କହିଲେ, ତୁ ତୋ ହ୍ୱିଲ ଚେୟାରରେ ଚେଷ୍ଟା କଲେ ରେସ୍ କରିପାରିବୁ। ଆଉ ସ୍କେଟ୍ ପାର୍କର ବିଏମ୍‌ଏକ୍ସ ଟ୍ରାକ୍‌ରେ ହ୍ୱିଲ ଚେୟାର ଚଳାଇବାରେ ସାହାଯ୍ୟ କଲେ। ସେବେଠାରୁ ତାଙ୍କର ଏହି ଖେଳ ପ୍ରତି ଭଲପାଇବା ଆସିଗଲା। ନୂଆ ଟ୍ରିକ୍ ଆପଣେଇବାକୁ ଲାଗିଲେ। ଆଉ ଧୀରେ ଧୀରେ ଅଦ୍ଭୁତ କାରନାମା ସବୁ କରି ପାଲଟିଗଲେ ଜଣେ ହ୍ୱିଲ ଚେୟାର ଆଥ୍‌ଲେଟ୍। ସେ ନିଜ ହ୍ୱିଲ ଚେୟାରରେ ରହି ଫ୍ରଣ୍ଟ ଫ୍ଲିପ୍, ବ୍ୟାକ୍‌ଫ୍ଲିପ୍, ଦୁଇଥର ବ୍ୟାକ୍‌ଫ୍ଲିପ୍ ଭଳି ଅନେକ କୌଶଳ କରିପାରନ୍ତି। ଆଖିରେ ନ ଦେଖିଲେ ବିଶ୍ୱାସ ହେବନି, ଜଣେ ଭିନ୍ନକ୍ଷମଙ୍କର ଏଭଳି କାରନାମାକୁ। ସେ ସଂଯୁକ୍ତ ରାଜ୍ୟରେ ବିପଜ୍ଜନକ ଖେଳରେ ବି ଅଂଶଗ୍ରହଣ କରିଛନ୍ତି। ଟିଭି ସିରିଜ୍ 'ଗ୍ଲି'ରେ ସେ ଷ୍ଟଣ୍ଟ ଡବଲ୍ ଭାବେ ବି କାମ କରିଛନ୍ତି। ବର୍ତ୍ତମାନ ତାଙ୍କ ନାଁରେ 'ପ୍ରଥମ ଲ୍ୟାଣ୍ଡେଡ ହ୍ୱିଲଚେୟର୍ ବ୍ୟାକ୍‌ଫ୍ଲିପ୍', 'ହାଇଏଷ୍ଟ ର୍ୟାମ୍ପ ଜମ୍ପ ବାୟ ହ୍ୱିଲ ଚେୟାର' ଭଳି ଅନେକ ଟାଇଟଲ୍ ରହିଛି।





# ପିନ୍ ଫୋଡ଼ି ସଜାଇଲେ ମୁଣ୍ଡ

ରେକର୍ଡ ନିଶାରେ ଲୋକେ ସବୁକିଛି କରିବାକୁ ପ୍ରସ୍ତୁତ ଥାଆନ୍ତି। ଏମିତିକି ଅସହ୍ୟ କଷ୍ଟ ସହିବାକୁ ପଛାନ୍ତି ନାହିଁ। ଠିକ୍ ଯେମିତି ଚାଇନାର ୱି ସେଙ୍ଗଚୁ ରେକର୍ଡ ପାଇଁ ସହିଛନ୍ତି ଅନେକ କଷ୍ଟ। ଗୋଡ଼ରେ କଣ୍ଟାଟିଏ ପଶିଲେ କେତେ କଷ୍ଟ ହୁଏ ସମସ୍ତେ ଜାଣିଥିବେ। କିନ୍ତୁ ସେଙ୍ଗଚୁ ରେକର୍ଡ ପାଇଁ ନିଜର ମୁହଁ ଓ ମୁଣ୍ଡରେ ଫୋଡିଛନ୍ତି ପିନ୍। ସେପୁଣି ଗୋଟିଏ କି ଦୁଇଟି ନୁହେଁ, ପୂରା ୨୦୦୯ଟି ପିନ୍ ମୁହଁ ଓ ମୁଣ୍ଡରେ ସେ ଫୋଡ଼ିଥିଲେ। ଆଉ ସେ ଦେଖାଯାଉଥିଲେ ବେଶ୍ ଅଜବ। ଇଟାଲିର ମିଲନ୍‌ରେ ହେଉଥିବା 'ଲୋ ଶୋ ଡେଇ ରେକର୍ଡ' କାର୍ଯ୍ୟକ୍ରମରେ ସେ ଏହି କାରନାମା କରିଥିଲେ। ଆଉ ଗିନିଜ ୱାର୍ଲଡ ରେକର୍ଡରେ ସ୍ଥାନ ପାଇଲେ।